ବର୍ଷ-୨୬, ସଂଖ୍ୟା-୯୨
ଭୁବନେଶ୍ୱର
୫, ଏପ୍ରିଲ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 92
Bhubaneswar
5, April, 2026 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଜିଲ୍ଲା ବୁଲିବେ ନବୀନ



ଭୁବନେଶ୍ୱର,୪।୪ (ମହାଭାରତ): ପଂଚାୟତ ପାଇଁ ପ୍ରସ୍ତୁତ ହେଉଛି ବିଜେଡି। ମଇଦାନକୁ ଓହ୍ଲାଇବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ଅକ୍ଟୋବର, ନଭେମ୍ବରରୁ ଜିଲ୍ଲା ବୁଲିବେ ନବୀନ। ସମସ୍ତ ଜିଲ୍ଲା ବୁଲିବା ପାଇଁ ବିଧାୟକ ଓ ନେତାଙ୍କୁ କହି ସାରିଲେଣି। ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସାଧାରଣ ନିର୍ବାଚନରେ ବିଜେଡି ଠାରୁ ଦୁରେଇ ଯାଇଥିବା ଲୋକଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ ହେଉଛି। ବିଜେଡି ସପକ୍ଷରେ ନିର୍ବାଚନ କେମିତି ଯିବ ସେନେଇ କାମ ଆରମ୍ଭ ହେଲାଣି। ଦଳୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ହାରିଥିବା ନେତା ମଧ୍ୟ କାମ ଆରମ୍ଭ କରିଦେଲେଣି। ପଂଚାୟତ ସ୍ତରରେ ଯେଉଁ ମାନେ ଦୁର୍ନୀତି କରିଛନ୍ତି। ଲୋଭ ଓ ଲାଭରେ ଅଛନ୍ତି ସେମାନେ ଦଳ ଛାଡୁଛନ୍ତି। ଯେଉଁମାନେ ଲୋକଙ୍କ ପାଇଁ କାମ କରୁଛନ୍ତି ସେମାନେ ଦଳ ସହିତ ଅଛନ୍ତି।

## ଦିଲ୍ଲୀରୁ ଫେରିଲେ କଂଗ୍ରେସ ବିଧାୟକ

ଭୁବନେଶ୍ୱର,୪।୪ (ମହାଭାରତ): କଂଗ୍ରେସ ବିଧାୟକ ଦଳ ନେତା ପରିବର୍ତ୍ତନ ଚର୍ଚ୍ଚା ଭିତରେ ଦିଲ୍ଲୀରୁ ଫେରିଛନ୍ତି କଂଗ୍ରେସ ବିଧାୟକ । କଂଗ୍ରେସ ବିଧାୟକ କହିଛନ୍ତି ଯେ ଆମକୁ ବିଶେଷ ସୂତ୍ରରୁ ଦିଲ୍ଲୀ ପାଇଁ ଡାକରା ଆସିଥିଲା। ଦିଲ୍ଲୀ ଯାଇଥିଲୁ ଆଉ ଦଳର ମୁଖିଆଙ୍କୁ ଭେଟିଲୁ। ଦିଲ୍ଲୀରୁ ଫେରି କଂଗ୍ରେସ ବିଧାୟକଙ୍କ ଗୋଟିଏ ସ୍ୱର ଯୋ ଦିଲ୍ଲିକା ଲଡ୍ଡୁ ଖାୟା ପସତାୟା ଯୋ ନେହି ଖାୟା ୱୋ ପସତାୟା। ସେଠି ସଂଗଠନ ନେଇ ଆଲୋଚନା ହେଲା , ରଣନୀତି ନେଇ ଆଲୋଚନା ହେଲା। ରାଜ୍ୟସଭା ନିର୍ବାଚନ ବିଷୟରେ ମଧ୍ୟ ଆଲୋଚନା କରାଗଲା। ଘୋଡ଼ା ବେପାର ବିଷୟରେ ପଚାରା ଯାଇଥିଲା। ଆମେ ୧୧ ବିଧାୟକ ଏକାଠି ଅଛୁ। ଆମକୁ କଂଗ୍ରେସ ସହ ରହିବା ପାଇଁ କୁହାଗଲା। ବିଧାୟକ ଦଳ ନେତା ବଦଳିବା ପ୍ରସଙ୍ଗରେ ଆଲୋଚନା ହୋଇନାହିଁ। ପ୍ରାୟ ମାସେ ବିଧାନସଭା ଚାଲିଲା। ଟିକେ ବୁଲିବାକୁ ଗଲୁ । ରାଜ୍ୟରେ ଏକ ଗୁଜବ ହେଲା କି ବିଧାୟକ ଦଳ ନେତା ପରିବର୍ତ୍ତନ ପାଇଁ ଯାଇଛୁ। ଆମ ଦଳ ବିଷୟରେ କଥା ହେଲୁ।

## ଚନ୍ଦକାକୁ ଆସିଲା ଉଦ୍ଧାର ହାତୀଛୁଆ

ଭୁବନେଶ୍ୱର,୪।୪(ମହାଭାରତ): ଚନ୍ଦକାକୁ ଆସିଲା ଉଦ୍ଧାର ହୋଇଥିବା ୩ ମାସର ହାତୀଛୁଆ । ନୟାଗଡ଼ ଜିଲ୍ଲା ରଣପୁର ରେଞ୍ଜ ପାଇକଭୂଇଁ ଜଙ୍ଗଲରେ ଥିବା ଏକ ଖୋଲା କୂଅରେ ହାତୀଛୁଆଟି ଖସି ପଡ଼ିଥିଲା। ୧୭ ଟିକିଆ ହାତୀପଲଙ୍କ ସହ ଜଙ୍ଗଲରେ ବୁଲୁଥିବା ବେଳେ ପାଣି ପିଇବା ବେଳେ ଖାଲରେ ଖସି ପଡ଼ିଥିଲା। ବହୁ କଷ୍ଟରେ ଜେସିବି ସାହାଯ୍ୟରେ ବନ ବିଭାଗ ହାତୀ ଛୁଆକୁ ଉଦ୍ଧାର କରିଥିଲେ। କିନ୍ତୁ ଉଦ୍ଧାର ପରେ ମଣିଷର ସ୍ୱର୍ଶ ପାଇଥିବାରୁ ମାଆ ହାତୀ ଛୁଆହାତୀକୁ ଆଉ ଗ୍ରହଣ କରିନଥିଲା। ବନ ବିଭାଗ ବହୁ ଚେଷ୍ଟା ସତ୍ତ୍ୱେ ହାତୀ ଛୁଆକୁ ଦଳ ଓ ମା ସହ ମିଶାଇବାରେ ବିଫଳ ହୋଇଥିଲା। ଫଳର ହାତୀ ଛୁଆର ଚିକିତ୍ସା ଓ ଲାଳନପାଳନ ପାଇଁ ତାକୁ ଚନ୍ଦକା ସ୍ଥିତ କୁମାରଖୁଣ୍ଟି ସ୍ଥାନାନ୍ତରଣ କରାଯାଇଛି। ଗତକାଲି ରାତିରେ ହାତୀ ଛୁଆଟି ଚନ୍ଦକା ଆସିଛି। ଏଠାରେ ହାତୀ ଛୁଆକୁ କ୍ୱାରେଣ୍ଟାଇନରେ ରଖାଯାଇ ନନ୍ଦନକାନନର ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ପ୍ରତିଟି କ୍ଷେତ୍ରରେ ନଜର ରଖିଛି ବନ ବିଭାଗ ଟିମ୍ ।

## ପୁରୀ ବିମାନବନ୍ଦର ପାଇଁ ଅନୁମତି

ଭୁବନେଶ୍ୱର,୪।୪ (ମହାଭାରତ): ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ମିଳିଲା ଜଙ୍ଗଲ ଜମି ଅନୁମତି । ଶ୍ରୀ ଜଗନ୍ନାଥ ବିମାନବନ୍ଦର ପାଇଁ କେନ୍ଦ୍ର ସରକାରଙ୍କ ଷ୍ଟେଜ୍-୧ ଅନୁମୋଦନ ମିଳିଛି । ପ୍ରକଳ୍ପକୁ ବାସ୍ତବରେ ରୂପାୟନ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି । ପୁରୀ ଜଙ୍ଗଲ ବିଭାଗର



୨୭.୮୮୭ ହେକ୍ଟର ଜଙ୍ଗଲ ଜମି ଯୋଗାଇ ଦିଆଯିବ ।

# ପିଲାଙ୍କୁ ପାଠ ପଢ଼ାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୪।୪(ମହାଭାରତ): ରାଜ୍ୟର ପ୍ରତି ଗାଁରେ, ପ୍ରତି ସାହିଗଳିରେ ବିଦ୍ୟା ଆରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି। ଏହାଦ୍ୱାରା ପିଲାଙ୍କ ନାମଲେଖା ପାଇଁ ବାପା ମା'ମାନେ ଉତ୍ସାହିତ ହେଉଛନ୍ତି। ଶନିବାର ରାଜ୍ୟ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଖଡି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇ ପାଠପଢା ଆରମ୍ଭ କରାଇଥିଲେ। ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ପିଲାର ମାନସିକତାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ପିଲାଙ୍କ ମନ ଜିଣିଲା ଭଳି ପିଲାଙ୍କୁ ପଚାରିଥିଲେ 'ମା'ଙ୍କ ନାଁ କଣ ବାପାଙ୍କ ନାଁ କଣ? ମାମୁଁ ଘର କେଉଁଠି? କଣ ଖାଇକି ଆସିଛ? ଇତ୍ୟାଦି'। ଏହିପରି ମନକୁ ଛୁଇଁଲା ପରି କଥାବାର୍ତ୍ତା ଜରିଆରେ ସେମାନଙ୍କର ଉତ୍ସାହ ବୃଦ୍ଧି କରି ବିଦ୍ୟାରମ୍ଭକୁ ସହଜ କରିଥିଲେ ମୁଖ୍ୟମନ୍ତ୍ରୀ । ପ୍ରଥମେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡିଶା' ଓ 'ପଢିବା, ଗଢିବା ଓଡିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ଚିତ୍ରାଙ୍କନ ଷ୍ଟଲକୁ ବୁଲି ଦେଖିବା ସହିତ ପିଲାମାନଙ୍କୁ ପ୍ରଶଂସା କରିଥିଲେ। ଛୋଟ ଛୋଟ ପିଲାମାନେ ମଧ୍ୟ ସେମାନଙ୍କ ସ୍ୱଅଙ୍କିତ ଚିତ୍ର



ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ।

ପିଲାମାନଙ୍କୁ ତଥା ଉପସ୍ଥିତ ଅଭିଭାବକମାନଙ୍କୁ ଶୁଭକାମନା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖଡିଛୁଆଁ ଆମ ଓଡିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତ ବର୍ଷଠାରୁ ଏହି ପରମ୍ପରାକୁ ସରକାରୀ ସ୍ତରରେ କାର୍ଯ୍ୟକାରୀ କରାଯାଇଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଆମେ ରାଜ୍ୟରେ ରେକର୍ଡ ସଂଖ୍ୟକ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣ ପତ୍ର ଚଳିତ ବର୍ଷ ବଂଟନ କରିଛୁ। ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତୁ, ତାକୁ ସୁନିଶ୍ଚିତ କରିବା ପାଇଁ ଆମେ ଏହି ଉତ୍ସବ ଆରମ୍ଭ କରିଛୁ। ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଭୟ ନୁହଁ, ଆଗ୍ରହ ଓ ଶ୍ରଦ୍ଧା ସୃଷ୍ଟି ହେବ, ଆମେ ସେଥିପାଇଁ ସମସ୍ତ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଶତ ପ୍ରତିଶତ ନାମଲେଖା ବୋଲି ସେ କହିଥିଲେ। ନୂତନ ଶିକ୍ଷାନୀତି ଅନୁଯାୟୀ ଅଙ୍ଗନବାଡି ଗୁଡିକ ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରିଥାନ୍ତି। ଓଡିଶାର ପ୍ରତିଟି ଶିଶୁ ହେଉଛି ଆମର ଭବିଷ୍ୟତ। ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି କରନ୍ତୁ। ଆମର ଏହି ଶିକ୍ଷା ଅଭିଯାନକୁ ଆପଣମାନେ ବିଭିନ୍ନ ଗଣମାଧ୍ୟମ ଜରିଆରେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରନ୍ତୁ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ପିଲାମାନଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ, ସେମାନଙ୍କ ପ୍ରତିଭାକୁ ସଠିକ୍ ଭାବେ ନିରୁପଣ କରି ତା'ର ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ସମାଜସେବୀ ଶ୍ରୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍. ଥିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ



ଭୁବନେଶ୍ୱର,୪।୪(ମହାଭାରତ): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ପ୍ରକାଶ କରିଥିଲେ। ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବୋରେଟୋରି ରହିଛି। ତା' ଭିତରୁ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିଥିଲେ। ଏଠାକାର ଉନ୍ନତ ଭିତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିଥିଲେ।

ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆୟୋଜିତ ଏକ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ। ବୈଠକରେ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ଢାଞ୍ଚାରେ ତାଲିମ ପ୍ରଦାନ କରି ଆସନ୍ତା କାଲିର ଶିଳ୍ପ ସଂସ୍ଥା ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ସରକାର, ଶିଳ୍ପ ସଂସ୍ଥା ଏବଂ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ଦକ୍ଷତା ବିକାଶ କ୍ଷେତ୍ରକୁ ନୂଆ ଉଚ୍ଚତାକୁ ନେବା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ଶ୍ରୀ ପିନାକୀ ପଟ୍ଟନାୟକ ଏବଂ ଅଧକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ।

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)
APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes
NIRF INDIA RANKINGS 2025
- 15th Best in University Category
- 22nd Best in Engineering Category
INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026
To apply for admission through SAAT, Please visit: www.soa.ac.in

# ମିଳିବ ମୁଣ୍ଡପିଛା ଆଉ ୫ କିଲୋ ମାଗଣା ଚାଉଳ

ଭୁବନେଶ୍ୱର,୪।୪(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜି ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୧୩ଟି ବିଭାଗର ୧୯ଟି ପ୍ରସ୍ତାବ ଆଗତ ହୋଇଥିଲା। ମାତ୍ର ସେଥିରୁ ୧୬ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ନାମରେ ଏକ ନୂଆ ଯୋଜନାରେ ରାଜ୍ୟର ଗରିବ ହିତାଧିକାରୀଙ୍କୁ ମାସିକ ମୁଣ୍ଡପିଛା ଅତିରିକ୍ତ ୫କିଲୋ ଲେଖାଏଁ ଦେବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ,୨୦୨୬-୨୭ ଆର୍ଥିକ ବର୍ଷରୁ ଆରମ୍ଭ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଥିବା ରାଜ୍ୟର ପ୍ରାୟ ୧ କୋଟି ୯୬ ଲକ୍ଷ ପରିବାରର ୩ କୋଟି ୨୮ ଲକ୍ଷରୁ ଅଧିକ ହିତାଧିକାରୀ ଉପକୃତ ହେବେ। ଏଥିପାଇଁ ବାର୍ଷିକ ୧୯.୭୧ ଲକ୍ଷ ମେଟ୍ରିକ ଟନ ଚାଉଳ ବଂଟନ କରାଯିବ ଓ ସରକାରଙ୍କୁ ରାଜକୋଷରୁ ମାସିକ ୭୩୪ କୋଟି ଟଙ୍କା ଓ ବାର୍ଷିକ ୮୮୧୩କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ରାଜ୍ୟ କ୍ୟାବିନେଟ୍ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଓଡିଶାର କୌଣସି ଗରିବ ପରିବାର ଖାଦ୍ୟାଭାବର ସମ୍ମୁଖୀନ ହେବେ ନାହିଁ ବୋଲି ସରକାର ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଅନ୍ୟ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ଅନୁ ଗର୍ଗ କହିଛନ୍ତି ଯେ, ରାଜ୍ୟରେ ବୁଣାକାରଙ୍କ ସାମଗ୍ରିକ ଉନ୍ନତି ପାଇଁ ନୂଆ ଯୋଜନା 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଯୋଜନା' ଆରମ୍ଭ କରିବାକୁ କ୍ୟାବିନେଟ୍ ଅନୁମତି ଦେଇଛନ୍ତି। ଏହି ଯୋଜନାରେ ୫ ବର୍ଷରେ ୫୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହା ମାଧ୍ୟମରେ ହସ୍ତତନ୍ତର ସାମଗ୍ରିକ ବିକାଶ ସହ ବୁଣାକାରଙ୍କୁ ସବୁପ୍ରକାରର ଭିତ୍ତିଭୂମି ସୁବିଧା ମଧ୍ୟ ଯୋଗାଇ ଦିଆଯିବ। ଦୀର୍ଘ ୧୫ ବର୍ଷ ଧରି ବନ୍ଦ ହୋଇ ପଡିଥିବା ବଡମ୍ବା ସମବାୟ ଚିନିକଳକୁ ଇଣ୍ଡିଆନ ପଟାସ ଲିମିଟେଡ୍ ଦ୍ୱାରା ପୁନରୁଦ୍ଧାର କରାଯିବ। ଏହାକୁ ପୁନଃ କାର୍ଯ୍ୟକ୍ଷମ



କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ସୁଧ ରିହାତି ଓ ଦୀର୍ଘମିଆଦି ଋଣ ଯୋଗାଇ ଦେବେ। ପ୍ରାୟ ୩୫୨କୋଟି ଟଙ୍କାରେ ଏହି ଚିନିକଳର ପୁନରୁଦ୍ଧାର ହେବ ଓ ପ୍ରତ୍ୟକ୍ଷ ଭାବେ ୫୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ କଲେଜର ପୁନଃବିକାଶ ପାଇଁ ୯୩୦ କୋଟି ଟଙ୍କାର ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।

ଦୀର୍ଘବର୍ଷର ଦାବି ପରେ ଶେଷରେ ପ୍ରଥମଥର ପାଇଁ ରାଜ୍ୟରେ ମେଡିକାଲ, ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷାରେ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ (ଏସଇବିସି) ପିଲାମାନଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ ମିଳିବ। ଏହାସହିତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କ ସଂରକ୍ଷଣ ସୀମା ମଧ୍ୟ ବୃଦ୍ଧି କରାଯାଇଛି। ରାଜ୍ୟର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ଆଖିରେ ରଖି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ମୁଣ୍ଡପିଛା ମାସିକ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦେବାକୁ ମଧ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମେତ ମୋଟ ୧୬ଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜି ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୧୩ଟି ବିଭାଗର ୧୯ଟି ପ୍ରସ୍ତାବ ଆଗତ ହୋଇଥିଲା। ମାତ୍ର ସେଥିରୁ ୧୬ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ମେଡିକାଲ, ଇଞ୍ଜିନିୟରିଂ, ପଲିଟେକନିକ୍, ଆଇଟିଆଇ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନରେ ଏଣିକି ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ସିଟ୍ ସଂରକ୍ଷଣ ୧୨% ରୁ ୨୨.୫୦% ଓ ଅନୁସୂଚିତ ଜାତିଙ୍କୁ ୮% ରୁ ୧୬.୨୫% କୁ ବୃଦ୍ଧି କରାଯାଇଥିବାବେଳେ ଏସଇବିସିଙ୍କୁ ପ୍ରଥମଥର ପାଇଁ ୧୧.୨୫% ସଂରକ୍ଷଣ ସୁବିଧା ମିଳିବ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ରାଜ୍ୟରେ ଏସଟି ଓଏସସି ବର୍ଗର ଜନସଂଖ୍ୟା ଅଧିକ ଥିଲେ ମଧ୍ୟ ସେମାନଙ୍କୁ ଦୀର୍ଘଦିନ ଧରି ଉପଯୁକ୍ତ ପ୍ରତିନିଧିତ୍ୱ ମିଳୁନଥିଲା। ଏହି ନୂଆ ନିଷ୍ପତ୍ତି ଫଳରେ ରାଜ୍ୟର ମୋଟ ୨୪୨୧ଟି ମେଡିକାଲ ସିଟ୍ ମଧ୍ୟରୁ ଏସଟିଙ୍କ ପାଇଁ ଆସନ ସଂଖ୍ୟା ୨୯୦ରୁ ୫୪୫କୁ ଓ ଏସସିଙ୍କ ପାଇଁ ୧୯୩ ରୁ ୩୯୩ କୁ ବୃଦ୍ଧି ପାଇବା ସହ ଏସଇବିସି ବର୍ଗଙ୍କୁ ୨୭୨ଟି ସିଟ୍ ମିଳିବ। ସେହିପରି ୪୪୫୭୯ଟି ଇଞ୍ଜିନିୟରିଂ ସିଟ୍ ମଧ୍ୟରୁ ଏସଟିଙ୍କ ପାଇଁ ୧୦୦୩୦, ଏସସିଙ୍କ ପାଇଁ ୭୨୪୪ ଓ ଏସଇବିସି ବର୍ଗଙ୍କ ପାଇଁ ୫୦୧୫ଟି ଆସନ ସଂରକ୍ଷିତ ରହିବ। ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ, ପଲିଟେକନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲଚର ଆଣ୍ଡ ଆଲାଏଡ୍? ସାଇନ୍ସସ୍, ଆର୍କିଟେକଚର, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱାଧୀନତାର ୭୮ ବର୍ଷ ମଧ୍ୟରେ ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସଂଖ୍ୟା ଅନୁପାତରେ ପୂର୍ବ ସରକାରମାନେ ଅଧିକାର ଦେଇନଥିଲେ।









## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



### ଖବର

# ଖୁସି ଖବର ଦେଲେ ରଶ୍ମିକା





ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡାଙ୍କ ବିବାହକୁ ଗୋଟିଏ ମାସ ହୋଇଗଲାଣି । ଉଭୟେ ଫେବୃଆରୀ ୨୬ ତାରିଖରେ ଉଦୟପୁରର ଆଇଟିସି ମେମେଣ୍ଟୋସ୍ ହୋଟେଲରେ ବିବାହ କରିଥିଲେ । ଯାହାର ଫଟୋ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଥିଲା। ଉଭୟେ ସମସ୍ତ ବନ୍ଧୁ, ପରିବାର ବର୍ଗ ଓ ସାଙ୍ଗମାନଙ୍କ ଉପସ୍ଥିତିରେ ତେଲୁଗୁ ପରମ୍ପରାରେ ବିବାହ କରିଥିଲେ । ଏବେ ପୁଣି ଉଭୟ ଦମ୍ପତ୍ତି ଚର୍ଚ୍ଚାରେ ରହିଛନ୍ତି । ନିକଟରେ ରଶ୍ମିକା ଏକ ପୋଷ୍ଟ ସେୟାର କରିଛନ୍ତି । ଯାହା ତାଙ୍କ ପ୍ରେଗ୍ନେନ୍ସି ସମ୍ପର୍କରେ କଳ୍ପନା ଜଳ୍ପନା ସୃଷ୍ଟି କରିଛି ।ରଶ୍ମିକା ମନ୍ଦାନା ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଥିଲେ। ଯେଉଁଥିରେ ଏକ କ୍ୟାପସନ ରଖିଛନ୍ତି ।ଯାହା ଫ୍ୟାନ୍ସଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଛି । ଅଭିନେତ୍ରୀ ଏଭଳି ଭାବେ କ୍ୟାପସନ ରଖିଛନ୍ତି ଯାହା ଗର୍ଭଧାରଣ ବିଷୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି । ସେ ଏକ ଭିଡିଓ ସେୟାର କରିଛନ୍ତି । ଯେଉଁ ଭିଡିଓରେ ରଶ୍ମିକା-ବିଜୟଙ୍କ ଫଟୋ ଚାରିପଟେ ଗୋଟିଏ ହଳଦିଆ ଫୁଲର ଗ୍ରାଫିକ୍ ଦେଖିବାକୁ ମିଳିଛି । ଯାହା ସେମାନଙ୍କର ଚାରିପାଖେ ଘୂରି ବୁଲୁଛି । ଏହି ଭିଡିଓ ସେୟାର କରି ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି ଯେ, ''ଏବେ ଆମେ ତିନି ଜଣ ।'' ଯାହାକୁ ଦେଖିବା ପରେ ଅନେକ ଲୋକ ଅନେକ ପ୍ରତିକ୍ରିୟା ଦେଇଛନ୍ତି । ସେହି ଫ୍ୟାନ୍ସଙ୍କ ମଧ୍ୟରୁ କିଛି ଲୋକ ତାଙ୍କୁ ଅଭିନନ୍ଦନ ଜଣାଇଥିବାବେଳେ ଆଉ କିଛି ଲୋକ ତାଙ୍କ ପ୍ରେଗ୍ନେନ୍ସିକୁ ନେଇ ସିଧାସଳଖ ଭାବେ ପ୍ରଶ୍ନ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା ଏ ସମ୍ପର୍କରେ ଅଭିନେତ୍ରୀ କୌଣସି ଅଫିସିଆଲ ଆନାଉନ୍ସମେଣ୍ଟ କରିନାହାଁନ୍ତି ।ଚଳିତ ବର୍ଷ ଫେବୃଆରୀ ୨୬ ତାରିଖରେ ବିବାହ କରିଥିଲେ। ଏହି ଦମ୍ପତି ଉଦୟପୁରର ମେମେଣ୍ଟୋସ୍ ହୋଟେଲରେ ବିବାହ କରିଥିଲେ। ଯେଉଁଥିରେ କେବଳ ପରିବାର ଏବଂ ନିକଟତର ବନ୍ଧୁମାନେ ସାମିଲ ଥିଲେ। ବିବାହ ପରେ ଫିଲ୍ମ ଇଣ୍ଡଷ୍ଟ୍ରି ଆଲିଷ୍ଟଙ୍କ ପାଇଁ ହାଇଦ୍ରାବାଦରେ ରିସେପସନ୍ ପାର୍ଟିର ଆୟୋଜନ କରିଥିଲେ ।

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ

ଆମ ସଂସ୍କୃତି,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।



ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ। ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜ୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଈଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଈଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ। କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍। ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ। ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ ।



ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?



ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର। ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ କଷ୍ଟକୁ ହରଣ କରନ୍ତି। ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ। ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି। ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ୍ୟ କୁହାଯାଇଥାଏ। ସନତାନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧ୍ୟରେ ଭଗବାନ ଶଙ୍କରଙ୍କ ସ୍ଥାନ ରହିଛି। ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ କୁହାଯାଇଥାଏ। ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ ହୋଇଥାନ୍ତି। ସବୁ ଦେବତାଙ୍କ ମଧ୍ୟରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ। ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ। ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ। ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ। ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା। ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ।

## ଈଶ୍ୱରଙ୍କ ନାମ ବଜ୍ର ସଦୃଶ

ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୂରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ



ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।

# କଟକରେ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୪।୪ (ମହାଭାରତ):** ଓଡ଼ିଶା ପୋଲିସର ମୂଳ ମନ୍ତ୍ର ହେଉଛି "ସେବା ଓ ସୁରକ୍ଷା"। ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଆମର ପରିଚୟ। ଆଗାମୀ ଦିନରେ ଓଡ଼ିଶାକୁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶା ପୋଲିସ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। କଟକର ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଓଡ଼ିଶା ପୋଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହାସହ ପୋଲିସ ସେବାରେ ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ପ୍ରଥମେ ସହିଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରଙ୍କୁ ସମବେଦନା ଜଣାଇଥିଲେ। ୧ ଏପ୍ରିଲ ୧୯୩୬ ମସିହାରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶା ପୋଲିସର ସ୍ଥାପନା ହୋଇଥିଲା। ଗତ ୯୧ ବର୍ଷର ଏହି ଯାତ୍ରା ସଂଘର୍ଷ, ସମର୍ପଣ ଓ ସଫଳତାର ଏକ ଗୌରବମୟ ଅଧ୍ୟାୟ ବୋଲି ଡିଜିପି ଉଲ୍ଲେଖ କରିଥିଲେ। ଏହି ଅବସରରେ ଡିଜିପି ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସର ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଅନେକ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ନିପାତ କରାଯାଇଥିବା ସହ ବହୁ ସଂଖ୍ୟକ ମାଓବାଦୀ ମୁଖ୍ୟ ସ୍ରୋତରେ ଫେରିଛନ୍ତି। ୨୦୨୫ ରୁ ଏଯାବତ ଓଡ଼ିଶା ପୋଲିସ ୨୭ ଜଣ ଦୁର୍ଦ୍ଧାନ୍ତ ମାଓବାଦୀଙ୍କୁ ନିପାତ କରାଯାଇଛି। ଏହାସହ ୭୨ ଜଣ ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ସରକାରଙ୍କ 'ଆତ୍ମସମର୍ପଣ ଓ ପୁନର୍ବାସ ଯୋଜନା' ଏଥିରେ ମୁଖ୍ୟ ଭୂମିକା ନେଇଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସାଇବର ଅପରାଧକୁ ଆଜିର ଯୁଗର ଏକ ଗୁରୁତର ଚ୍ୟାଲେଞ୍ଜ ଭାବେ ଉଲ୍ଲେଖ କରି ସେ କହିଥିଲେ ଯେ, ଓଡ଼ିଶା ପୋଲିସ ଏଆଇ ଓ ଡାଟା ଆନାଲିଟିକ୍ସ ପରି ଆଧୁନିକ ପ୍ରଯୁକ୍ତିର ସହାୟତାରେ ସଫଳତାର ସହିତ ଏହାର ମୁକାବିଲା କରୁଛି। 'ଅପରେସନ ସାଇବର କବଚ' ମାଧ୍ୟମରେ ୩୯,୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇ ୧୪୨୨ ଟି ନୂତନ ମାମଲା ରୁଜୁ ହୋଇଛି ଏବଂ ୩୭୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସେ କହିଥିଲେ। ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଓଡ଼ିଶା ପୋଲିସ ଐତିହାସିକ ସଫଳତା ହାସଲ କରିଛି। ପ୍ରାୟ ୩୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଗଞ୍ଜେଇ, ବ୍ରାଉନସୁଗାର ଓ ଗଞ୍ଜେଇ ତେଲ ଜବତ କରାଯିବା ସହ ୪୮,୧୬୦ ଏକର ଜମିରେ ବେଆଇନ ଚାଷକୁ ଧ୍ୱଂସ କରାଯାଇଛି। ଏହି ପ୍ରକ୍ରିୟାରେ ୬୫୪ ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ନିଶା ମାଫିଆଙ୍କ ୧୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି। ଆଗାମୀ ତିନି ବର୍ଷରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ପୋଲିସ ସଂକଳ୍ପବଦ୍ଧ ବୋଲି ଡିଜିପି ଶ୍ରୀ ଖୁରାନିଆ କହିଥିଲେ। ପୋଲିସ ବାହିନୀକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ବିଭିନ୍ନ ବାଟାଲିୟନ ଓ ୟୁନିଟ୍ ଗଠନ କରୁଛନ୍ତି। ଏହି ଅବସରରେ ଡିଜିପି ନୂତନ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବା ପରେ ଓଡ଼ିଶା ପୋଲିସର ତଦନ୍ତ ପ୍ରକ୍ରିୟା ଓ ବୃତ୍ତିଗତ ଦକ୍ଷତାରେ ଆସିଥିବା ଲକ୍ଷଣୀୟ ପରିବର୍ତ୍ତନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଅଧିକାରୀମାନଙ୍କ ଉଚ୍ଚକୋଟିର ତଦନ୍ତ ଫଳରେ କମ୍ ସମୟ ମଧ୍ୟରେ ଅପରାଧୀମାନଙ୍କୁ ଦଣ୍ଡବିଧାନ କରାଯାଇପାରୁଛି। ମୟୂରଭଞ୍ଜର ମୋରଡ଼ା ଥାନାରେ ମାତ୍ର ୧୯ ଦିନରେ, ଭୁବନେଶ୍ୱରର ଚନ୍ଦକା ଥାନାରେ ୩୭ ଦିନରେ, ଜାମଦାରେ ୩୯ ଦିନରେ ଓ ଆଳି ଥାନାରେ ୪୦ ଦିନ ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟା ସମାପ୍ତ ହୋଇ ଅଭିଯୁକ୍ତମାନଙ୍କୁ ଦଣ୍ଡ ମିଳିଥିବା ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ବୋଲି ସେ କହିଥିଲେ।

## ଟିଏମସିର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ପଶ୍ଚିମବଙ୍ଗର ପ୍ରତିଟି ନାଗରିକ ସଂକଳ୍ପବଦ୍ଧ

**ଭୁବନେଶ୍ୱର,୪।୪ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଗସ୍ତ କରି ବିଜେପିର ବରିଷ୍ଠ ନେତା ତଥା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିର୍ବାଚନମଣ୍ଡଳୀରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବା ସହ ପ୍ରଚାର କରିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ନନ୍ଦୀଗ୍ରାମ କେବଳ ଏକ ଭୌଗୋଳିକ କ୍ଷେତ୍ର ନୁହେଁ, ବରଂ ଏହା ଏକ ପରିବର୍ତ୍ତନର ଚେତନାର ପ୍ରତୀକ । ବିଗତ ପ୍ରାୟ ୨୦ ବର୍ଷ ଧରି ନନ୍ଦୀଗ୍ରାମ ସହ ତାଙ୍କର ଏକ ଗଭୀର ଆଧ୍ୟାତ୍ମିକ ଓ ବ୍ୟକ୍ତିଗତ ସମ୍ପର୍କ ରହିଆସିଛି । ନନ୍ଦୀଗ୍ରାମର ମାଟି ବଙ୍ଗୀୟ ଅସ୍ମିତା ଏବଂ ସାହସର ପରିଚୟ ଦେଇଛି, ଯାହା ସମଗ୍ର ପଶ୍ଚିମବଙ୍ଗର ରାଜନୀତିକୁ ଦିଗଦର୍ଶନ ଦେଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ପଶ୍ଚିମବଙ୍ଗର ଜନସାଧାରଣ ବର୍ତ୍ତମାନର ଅନ୍ୟାୟ, ଦୁର୍ନୀତି ଏବଂ ତୁଷ୍ଟୀକରଣ ରାଜନୀତିରେ ଅତିଷ୍ଠ ହୋଇପଡ଼ିଛନ୍ତି । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରର ଜନବିରୋଧୀ ନୀତିରୁ ମୁକ୍ତି ପାଇବା ପାଇଁ ବଙ୍ଗଳାର ପ୍ରତିଟି ନାଗରିକ ଏବେ ସଂକଳ୍ପବଦ୍ଧ । ସେଥିପାଇଁ ଆଜି ସାରା ରାଜ୍ୟରେ ପରିବର୍ତ୍ତନ କେବଳ ଏକ ସ୍ଲୋଗାନ ହୋଇ ରହିନାହିଁ, ବରଂ ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ।

ନନ୍ଦୀଗ୍ରାମରେ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଥିବା ଅଦମ୍ୟ ଉତ୍ସାହ, ଅନୁଶାସନ ଏବଂ ସମର୍ପଣ ଭାବକୁ ପ୍ରଶଂସା କରି ସେ କହିଛନ୍ତି ଯେ, ଏଠାକାର ଜନତାଙ୍କ ଅକୁଣ୍ଠ ସମର୍ଥନ ପୁଣି ଥରେ ପଦ୍ମ ଫୁଟାଇବା ପାଇଁ ସ୍ପଷ୍ଟ ସଙ୍କେତ ଦେଉଛି । ପଶ୍ଚିମବଙ୍ଗରେ ପରିବର୍ତ୍ତନ ହେବ ଏବଂ ଏକ ନୂତନ ବିକଶିତ ବଙ୍ଗଳାର ନିର୍ମାଣ ହେବାର ସମୟ ଉପନୀତ ହୋଇଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

## ସ୍ୱ- ଗଣନାରେ ତଥ୍ୟ ପ୍ରଦାନ କଲେ ରାଜ୍ୟପାଳ

**ଭୁବନେଶ୍ୱର,୪।୪ (ମହାଭାରତ):** ଚଳିତ ଏପ୍ରିଲ ୧ ତାରିଖ ବୁଧବାର ଦିନ ଜନଗଣନା - ୨୦୨୭ର ସ୍ୱ - ଗଣନା ପ୍ରକ୍ରିୟା ଆରମ୍ଭ ହେବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ସ୍ୱ-ଗଣନାରେ ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜ୍ୟର ପ୍ରତ୍ୟେକ ପରିବାରକୁ ଗଣନା କରିବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱରୋପ କରି ଜନଗଣନା ପ୍ରକ୍ରିୟାରେ ରାଜ୍ୟର ସମସ୍ତ ଜନସାଧାରଣ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଜନଗଣନା ୨୦୨୭ ର ସ୍ୱ-ଗଣନା ଆରମ୍ଭ ହୋଇଥିବା ପରିପ୍ରେକ୍ଷୀରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଏହି ଗୁରୁତ୍ୱପୂର୍ଣ୍ଣ ଦେଶବ୍ୟାପୀ କାର୍ଯ୍ୟକ୍ରମରେ ଜନସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ ପାଇଁ ଆହ୍ୱାନ ଜଣାଇଛନ୍ତି।ରାଜ୍ୟର ପ୍ରଥମ ନାଗରିକ ଭାବରେ ରାଜ୍ୟପାଳ ନିଜେ ସ୍ୱ-ଗଣନା ପ୍ରକ୍ରିୟାରେ ଦାୟିତ୍ୱ ସମାପନ କରି ଅନ୍ୟମାନଙ୍କୁ ମଧ୍ୟ ଏହା କରିବାକୁ ଉତ୍ସାହିତ କରିଛନ୍ତି। ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ, ଜନଗଣନା ଏକ



ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟ ଯାହା ଫଳପ୍ରଦ ଯୋଜନା ଏବଂ ବିକାଶ ପାଇଁ ଭିତିଭୂମି ପ୍ରଦାନ କରେ । ରାଜ୍ୟପାଳ ଆହୁରି ମଧ୍ୟ କହିଛନ୍ତି ଯେ, ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଜନଗଣନାରେ ସଠିକ୍ ତଥ୍ୟ ସଂଗ୍ରହ ଅତ୍ୟାବଶ୍ୟକ। ଜନଗଣନାର ଗୃହ ଗଣନା ଓ ତାଲିକାକରଣ ପର୍ଯ୍ୟାୟ ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ ନାଗରିକମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି ପ୍ରକ୍ରିୟାରେ ଯେପରି କୌଣସି ବ୍ୟକ୍ତି କିମ୍ବା ପରିବାର ବାଦ ନପଡ଼ିବେ, ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଜନଗଣନାକୁ ସଠିକ ଏବଂ ସଫଳ କରିବା ପାଇଁ ଜନସାଧାରଣ ସହଯୋଗ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ଦୋହରାଇ ରାଜ୍ୟପାଳ କହିଛନ୍ତି ଯେ, ସକ୍ରିୟ ଜନଭାଗିଦାରୀ ଶାସନକୁ ଆହୁରି ସୁଦୃଢ଼ କରିବ ଏବଂ ସମାଜର ସମସ୍ତ ବର୍ଗ ପାଇଁ ସେବା ପ୍ରଦାନକୁ ଉନ୍ନତ କରିବ। ରାଜ୍ୟପାଳ ନିଜର ତଥ୍ୟ ପ୍ରଦାନ କରିବା ସମୟରେ ଓଡ଼ିଶା ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ନିଖିଲ ପ୍ୱନ କଲ୍ୟାଣ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ ର କମିଶନର ଚଞ୍ଚଳ ରାଣା ଉପସ୍ଥିତ ଥିଲେ।

## ବିକଶିତ ଓଡିଶା ପାଇଁ - ସହରାଞ୍ଚଳ ଜମି ପରିଚାଳନା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୪।୪ (ମହାଭାରତ):** ସୁନିୟନ୍ତ୍ରିତ ଓ ସ୍ଥାୟୀ ସହରୀକରଣର ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଖାରବେଳ ଭବନଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଂଚଳ ଜମି ପରିଚାଳନା ଉପରେ ଏକ ଉଚ୍ଚସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ବିକଶିତ ଓଡ଼ିଶା' ଗଠନ ଦିଗରେ ଜମି ଏକ ରଣନୈତିକ ସମ୍ବଳ ଭାବେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିବ, ସେ ନେଇ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ହରିବଲ୍ଲଭ ମିଶ୍ର ନିଜର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ଆଧାରରେ ସହରାଂଚଳ ଜମି ପରିଚାଳନାର ଆଇନଗତ, ପ୍ରଶାସନିକ ଏବଂ ନୀତିଗତ ଦିଗଗୁଡ଼ିକ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ , ଗୃହ ଓ ନଗର ଉନ୍ନୟନ ବିଭାଗ ତଥା ଇଡ୍‌କୋର ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ କାର୍ଯ୍ୟକ୍ରମର ପ୍ରାରମ୍ଭରେ ସୂଚନା ଦେଇ କହିଥିଲେ ଯେ, ଭବିଷ୍ୟତ ପାଇଁ ପ୍ରସ୍ତୁତ ତଥା ସ୍ଥାୟୀ ସହର ଗଠନ କରିବା ଏବଂ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସାକାର କରିବା ପାଇଁ ସୁଚିନ୍ତିତ ଓ ରଣନୈତିକ ଜମି ପରିଚାଳନା ଅପରିହାର୍ଯ୍ୟ। ସହରାଂଚଳର ଜମି ସମ୍ପତିକୁ ସମ୍ପୂର୍ଣ୍ଣ ରୂପେ ବିନିଯୋଗ କରିବା ପାଇଁ ବିଭିନ୍ନ ଶ୍ରେଣୀର ଜମି, ନିୟାମକ ବ୍ୟବସ୍ଥା ଏବଂ 'ଲ୍ୟାଣ୍ଡ ଭାଲ୍ୟୁ କ୍ୟାପଚର' ଭଳି ଅଭିନବ କୌଶଳ ବିଷୟରେ ଗଭୀର ଜ୍ଞାନ ଆହରଣ କରିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଥିଲେ।



ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ଓଡ଼ିଶାରେ ଥିବା ବିଭିନ୍ନ ବର୍ଗର ଜମି ଯଥା— ନଜୁଲ, ଖାସମହଲ, ସରକାରୀ ଖାସ ଦଖଲ (ଜିକେପିବି) ଏବଂ ଲିଜ୍ ହୋଲ୍ଡ ମାମଲାଗୁଡ଼ିକର ସର୍ବୋତମ ବିନିଯୋଗ ଉପରେ ଏହି ଅଧିବେଶନରେ ଆଲୋଚନା ହୋଇଥିଲା। ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ, ସମସ୍ତ ଅତିରିକ୍ତ ସଚିବ ଏବଂ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର ଏବଂ ରାଜସ୍ୱ ଓ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀମାନେ ଆଭାସୀ ମାଧ୍ୟମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।ଶ୍ରୀ ମିଶ୍ର ଜମି ପରିଚାଳନାର ଆଇନଗତ ଓ ପ୍ରଶାସନିକ ଦିଗ ଉପରେ ବାସ୍ତବବାଦୀ ଅଭିଜ୍ଞତା ବାଂଟିବା ସହ ପୁରାତନ ଜମି ବର୍ଗୀକରଣରେ ସ୍ୱଚ୍ଛତା ଏବଂ ପରିବର୍ତ୍ତିତ ନୀତିଗତ ଢାଂଚା ଉପରେ ଜୋର ଦେଇଥିଲେ। ଏହି ଆଲୋଚନାଚକ୍ରରେ 'ଲ୍ୟାଣ୍ଡ ଭାଲ୍ୟୁ କ୍ୟାପଚର'କୁ ସହରାଂଚଳ ଭିତିଭୂମି ପାଇଁ ଏକ ସ୍ଥାୟୀ ଆର୍ଥିକ ସମ୍ବଳ ଭାବେ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ମାଧ୍ୟମରେ ଜମି ସମ୍ବଳର ଉପଯୁକ୍ତ ବିନିଯୋଗ କରି ଯୋଜନାବଦ୍ଧ ଅଭିବୃଦ୍ଧି ଏବଂ ଉନ୍ନତ ସେବା ପ୍ରଦାନ କରାଯାଇପାରିବ।

## ସମବାୟ ସମତି ସଭାପତି, ନିର୍ଦ୍ଦେଶକ ଏବଂ ସଦସ୍ୟ ବିଜେପିରେ ସାମିଲ



**ଭୁବନେଶ୍ୱର,୪।୪ (ମହାଭାରତ):** ରାଜ୍ୟର ପ୍ରମୁଖ ସମବାୟବିତ୍ ଏବଂ ନେତୃବୃନ୍ଦ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଓଡ଼ିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ (ଓଏସ୍ ?ସିବି)ର ଅଧ୍ୟକ୍ଷ ଶ୍ରୀ ଟି.ପ୍ରସାଦ ରାଓ ଡୋରା, ରାଜ୍ୟ ସମବାୟ ସଂଘ (ଓଏସସିୟୁ) ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡଙ୍ଗୀ, ଅର୍ବାନ ବ୍ୟାଙ୍କ ଫେଡେରେସନ ସଭାପତି ମହେନ୍ଦ୍ର କୁମାର ନାୟକ, ଓଡିଶା ମହିଳା ବିକାଶ ସମବାୟ ନିଗମ ଲିମିଟେଡ୍ ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ ଓ ଉପାଧ୍ୟକ୍ଷା ସୁଷମା ଦାସ, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଉତ୍କଳିକା ସଭାପତି ଶ୍ରୀମତୀ ଦେବସ୍ମିତା ସାହୁ, ଫିସଫେଡ ଅଧ୍ୟକ୍ଷ ଶ୍ରୀମତୀ ସସ୍ମିତା ରାଉତ, ଓପୋଲଫେଡ ଅଧ୍ୟକ୍ଷ ଭୋଳେଶ୍ୱର ସ୍ୱାଇଁ, ଓମଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ଓ ଉପସଭାପତି ସୁନିତା ବରାଳ, ଟିଡିସିସି ଅଧ୍ୟକ୍ଷ ଚମେଲି ଓରାମ, ଶ୍ରମ ଓ ନିର୍ମାଣ କୋଅପରେଟିଭ ଲିମିଟେଡ ଅଧ୍ୟକ୍ଷ ପ୍ରମୋଦ କୁମାର ସାମନ୍ତରାୟ, ଅନୁଗୁଳ କେନ୍ଦ୍ରୀୟ ସମବାୟ ବ୍ୟାଂକର ପୂର୍ବତନ ଅଧ୍ୟକ୍ଷ ବିଭୁଦେନ୍ଦୁ ପଟ୍ଟନାୟକ, ଖୋର୍ଦ୍ଧା ସେଂଟ୍ରାଲ କୋଅପରେଟିଭ ବ୍ୟାଂକର ଉପସଭାପତି ଜୟଶ୍ରୀ ଗଡନାୟକ, ବ୍ରହ୍ମପୁର କେନ୍ଦ୍ରୀୟ କୋଅପରେଟିଭ ବ୍ୟାଂକ ସଭାପତି ଶିବରାମ ପାତ୍ର, ବୌଦ୍ଧ କେନ୍ଦ୍ରୀୟ କୋଅପରେଟିଭ ବ୍ୟାଂକ ସଭାପତି ଅରୁଣ ପ୍ରଧାନ, ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସମବାୟ ସଂସ୍ଥାର ଅଧ୍ୟକ୍ଷ ରାଜେଶ ମହାନ୍ତି, ଭୁବନେଶ୍ୱର କୋଅପରେଟିଭ ସୁପର ବଜାରର ସଭାପତି ସସ୍ମିତା ମହାନ୍ତି, ସ୍ୱୟଂଶ୍ରୀ ମହିଳା ସମିତି ଅଧ୍ୟକ୍ଷା ପୂର୍ଣ୍ଣିମା ସିଂହ, ମହିଳା ବିକାଶ ସମବାୟ ନିଗମ ନିର୍ଦ୍ଦେଶକ କଲ୍ୟାଣୀ ସ୍ୱାଇଁ ପ୍ରମୁଖଙ୍କ ସମେତ ଓଏସ୍ ?, ?ସିବି, ଓପୋଲଫେଡ, ଓମଫେଡ, ଉତ୍କଳିକା, ବୟନିକା, ମହିଳା ବିକାଶ ସମବାୟ ନିଗମ, ରାଜ୍ୟ ସମବାୟ ସଂଘ, ସ୍ୱୟଂଶ୍ରୀ ମହିଳା ସମିତି, ଯାଜପୁର ହାଉସ ବିଲ୍ଡିଂ, ବିଭିନ୍ନ କୃଷିଭିତିକ ସମବାୟ ସଂସ୍ଥାର ଶତାଧିକ ନିର୍ଦ୍ଦେଶକବୃନ୍ଦ ଏବଂ ସଦସ୍ୟମାନେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।

## ସବୁଜ ହାଇଡ୍ରୋଜେନ୍ ନୀତି ଏବଂ ନବୀକରଣୀୟ ଶକ୍ତି ରୋଡମ୍ୟାପ୍

**ଭୁବନେଶ୍ୱର,୪।୪ (ମହାଭାରତ):** ସ୍ଥାୟୀ ଶକ୍ତି ସମାଧାନ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ସ୍ଥାୟୀ ଶକ୍ତି ସମାଧାନ ପାଇଁ ଭାରତର ଅନ୍ୱେଷଣକୁ ସମର୍ଥନ ଦେଇ ଓଡ଼ିଶା ସବୁଜ ହାଇଡ୍ରୋଜେନ୍ ନୀତି ଘୋଷଣା କରିଥିବା ପ୍ରଥମ ରାଜ୍ୟ ହୋଇପାରିଛି। ଭାରତୀୟ ଶିଳ୍ପ ମହାସଂଘ ସହିତ ସମନ୍ୱୟ ରଖି ଶିଳ୍ପ କ୍ଷେତ୍ରରେ ଡିକାର୍ବନାଇଜେସନ୍ ଭଳି ଐତିହାସିକ ପଦକ୍ଷେପ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି । ଏହି କ୍ରମରେ ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଭାରତୀୟ ଶିଳ୍ପ ମହାସଂଘର ସଦସ୍ୟ ଏବଂ ନବୀକରଣୀୟ ଶକ୍ତିର ଅନ୍ୟାନ୍ୟ ସଂସ୍ଥାମାନଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ନୀତି ନବୀକରଣୀୟ ଶକ୍ତିରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ । ସବୁଜ



ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଏହି ନୀତି ଓଡ଼ିଶାକୁ ସ୍ୱଚ୍ଛ ଶକ୍ତି ନବସୃଜନର କେନ୍ଦ୍ରର ମାନ୍ୟତା ଦେବ। ଓଡ଼ିଶା ବିପର୍ଯ୍ୟୟ-ପ୍ରତିରୋଧୀ ଭିତିଭୂମି, ବଂଟନ କ୍ଷେତ୍ର ସଂସ୍କାର ସହିତ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ସହିତ ସମନ୍ୱିତ ଭାସମାନ ସୌର ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଭଳି ପ୍ରକଳ୍ପରେ ନିବେଶ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଭାରତୀୟ ଶିଳ୍ପ ମହାସଂଘ, ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିଛି । ରାଜ୍ୟର ନବୀକରଣୀୟ ଶକ୍ତି ନୀତି ୨୦୨୨ କାରଖାନାରୁ ନିର୍ଗତ ଗ୍ରାସ ହ୍ରାସ କରିବ ବୋଲି ମହାସଂଘ ଆଶା ପ୍ରକାଶ କରିଛି। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ସିଏମଡି, ଓପିଟିସିଏଲ, ଭାସ୍କର ଜ୍ୟୋତି ଶର୍ମା, ଶକ୍ତି ବିଭାଗ, ଓପିଟିସିଏଲ, ଗ୍ରୀଡ଼କୋ, ଟିପିସିଓଡ଼ିଏଲ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗ୍ରୀଷ୍ମକାଳୀନ ଅପ୍ରତ୍ୟାଶିତ ମୋଡ଼ ଆଣିଛି ଡଲାର ଲେହାର

**ଭୁବନେଶ୍ୱର,୪।୪ (ମହାଭାରତ):** ଡଲାର ଲେହାର ଚଳିତ ଗ୍ରୀଷ୍ମ ଋତୁରେ ଏକ ନୂତନ ଅଭିଯାନ ସହିତ ଉଷ୍ମତାକୁ ବୃଦ୍ଧି କରୁଛି ଯାହା ହାସ୍ୟରସ, କଳ୍ପନା ଏବଂ ଏକ ଅପ୍ରତ୍ୟାଶିତ ବିଜ୍ଞାନ-କଥା ମୋଡ଼କୁ ମିଶ୍ରଣ କରିଥାଏ। ଅନ୍ତଃପୋଷାକ ବର୍ଗ ଏହାର ଶିଖର ଋତୁରେ ପ୍ରବେଶ କରୁଥିବା ସମୟରେ, ବ୍ରାଣ୍ଡ ଏକ ଜୀବନ୍ତ ହାଇୱେ ଢାବାରେ ଏକ ଆକର୍ଷଣୀୟ କାହାଣୀକୁ ଜୀବନ୍ତ କରିଥାଏ,ଯେଉଁଠାରେ ଏକ ସାଧାରଣ ରାତି ଏକ ଅସାଧାରଣ ମୋଡ଼ ନେଇଥାଏ। ଏହି ଅଭିଯାନ ସହିତ, ଡଲାର ଲେହାର ଏକ ନିର୍ଭରଯୋଗ୍ୟ ଦୈନନ୍ଦିନ ଅତ୍ୟାବଶ୍ୟକୀୟ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଥାଏ, ଏକ କାହାଣୀ ମାଧ୍ୟମରେ ପ୍ରଦାନ କରାଯାଇଛି ଯାହା ମନୋରଞ୍ଜନକାରୀ ଏବଂ ସ୍ମରଣୀୟ। ବ୍ରାଣ୍ଡ ଅଭିଯାନ ଏବଂ ବ୍ରାଣ୍ଡ ଆମ୍ବାସାଡର ବିଷୟରେ କହିବାକୁ ଗଲେ, ଡଲାର ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଗୁପ୍ତା କହିଛନ୍ତି, ସୈଫଙ୍କ ସହ ଆମର ସମ୍ପର୍କ ବ୍ରାଣ୍ଡ ପାଇଁ ଏକ ଦୃଢ଼ ମୂଲ୍ୟ ପ୍ରଦାନ କରିଛି। ତାଙ୍କର ତୀକ୍ଷ୍ଣ ବୁଦ୍ଧି ଏବଂ ବିଶ୍ୱସନୀୟତା ପୁରୁଷ ଦର୍ଶକଙ୍କ ସହିତ ବିଶେଷ ଭାବରେ ଭଲ ଭାବରେ ପ୍ରତିଫଳିତ ହୋଇଛି ଏବଂ ସେହି ସଂଯୋଗ ଆମ ପାଇଁ ଅର୍ଥପୂର୍ଣ୍ଣ ଅଭିବୃଦ୍ଧିରେ ଅନୁବାଦିତ ହୋଇଛି। ସହଭାଗୀତାକୁ ଆହୁରି ଆକର୍ଷଣୀୟ କରିଥାଏ ତାହା ହେଉଛି ତାଙ୍କର ବ୍ୟକ୍ତିତ୍ୱ କିପରି ସ୍ୱାଭାବିକ ଭାବରେ ଆମର ବ୍ରାଣ୍ଡ ଦର୍ଶନ ସହିତ ସମନ୍ୱିତ ହୁଏ, ଏହି ସଂଘର ନବୀକରଣକୁ ଏକ ଅତ୍ୟନ୍ତ ସ୍ୱାଭାବିକ ପଦକ୍ଷେପ କରିଥାଏ।

## ସିବିଏସଇର ସିଟି ଏବଂ ଏଆଇ ପାଠ୍ୟକ୍ରମର ଶୁଭାରମ୍ଭ

**ଭୁବନେଶ୍ୱର,୪।୪ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅର୍ଥାତ୍ ୨୦୨୬-୨୭ ଶିକ୍ଷା ବର୍ଷର ପ୍ରଥମ ଦିନରେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ନୂତନ 'କମ୍ପ୍ୟୁଟେସନାଲ୍ ଥିଙ୍କିଙ୍ଗ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' (ସିଟି ଏବଂ ଏଆଇ) ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ପାଠ୍ୟକ୍ରମ ଜାତୀୟ ଶିକ୍ଷା ନୀତି - ୨୦୨୦ ର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତ ଆଜି ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ପ୍ରଭାବ ବିସ୍ତାର କରୁଛି । ନ୍ୟାସନାଲ୍ କାଉନସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନସିଇଆରଟି) ସହଯୋଗରେ ବିକଶିତ ଏହି ପାଠ୍ୟକ୍ରମ, ସିବିଏସଇ ବିଦ୍ୟାଳୟ ବ୍ୟବସ୍ଥାରେ ସଂରଚିତ ଏଆଇ ଶିକ୍ଷାକୁ ବ୍ୟାପକ ଭାବେ ପ୍ରଚଳନ କରିବ । ନୂତନ



ଶିକ୍ଷାବର୍ଷର ଆରମ୍ଭରୁ ଏହି ପାଠ୍ୟକ୍ରମର ପ୍ରଚଳନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ କେବଳ ବୈଷୟିକ ଜ୍ଞାନ ବୃଦ୍ଧି ହେବ ନାହିଁ, ବରଂ ସେମାନଙ୍କର ସୃଜନଶୀଳତା, ଡିଜାଇନ ଓରିଏଣ୍ଟେସନ ଏବଂ ସମସ୍ୟା ସମାଧାନର ଦକ୍ଷତା ମଧ୍ୟ ବିକଶିତ ହେବ । "ଏଆଇ ଫର୍ ଏଜୁକେସନ, ଏଆଇ ଇନ୍ ଏଜୁକେସନ" ର ଭିଜନକୁ ଆଧାର କରି ଏହି ଶିକ୍ଷା ବ୍ୟବସ୍ଥା ଭାରତର ଶିଶୁମାନଙ୍କୁ କେବଳ ପ୍ରଯୁକ୍ତିବିଦ୍ୟାର ୟୁଜର୍ ନୁହେଁ, ବରଂ ଆଗାମୀ ଦିନରେ ଟେକ୍ନୋଲୋଜିର ଉଦ୍ଭାବକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ।

ପାଠ୍ୟକ୍ରମର ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଏଥିରେ ଶିଶୁମାନଙ୍କ ବୟସ ଓ ବୁଦ୍ଧି ଅନୁସାରେ ସରଳ ଓ ପ୍ରଣାଳୀବଦ୍ଧ 'ଷ୍ଟ୍ରକ୍ଚରଡ୍ ମଡ୍ୟୁଲ୍' ସ୍ଥାନ ପାଇଛି । ଏହା ସହିତ ବିଦ୍ୟାଳୟରେ ପ୍ରଭାବଶାଳୀ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ବ୍ୟାପକ ତାଲିମ ଏବଂ ସ୍ୱତନ୍ତ୍ର 'ଶିକ୍ଷକ ମାର୍ଗଦର୍ଶିକା' ବା ଟିଚର ହ୍ୟାଣ୍ଡବୁକ୍ ପ୍ରଦାନ କରାଯିବ । ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ଯାଞ୍ଚ କରିବା ପାଇଁ ଅତ୍ୟାଧୁନିକ ଆସେସମେଣ୍ଟ ଫ୍ରେମୱାର୍କ ପ୍ରସ୍ତୁତ କରାଯାଇଛି । ଶ୍ରୀ ପ୍ରଧାନ ଏହି ପାଠ୍ୟକ୍ରମକୁ କାର୍ଯ୍ୟକାରୀ କରିଥିବା ଯୋଗୁଁ ସିବିଏସଇ ଏବଂ ଏନସିଇଆରଟିକୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ୨୦୨୬-୨୭ ଶିକ୍ଷା ବର୍ଷରୁ ଏହି ପାଠ୍ୟକ୍ରମ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏହା ପିଲାମାନଙ୍କର କ୍ରିଟିକାଲ ଥିଙ୍କିଂ, ସମସ୍ୟା ସମାଧାନର ଦକ୍ଷତା ଏବଂ ପାଟର୍ଣ୍ଣ ଚିହ୍ନଟ କରିବା ଶକ୍ତିକୁ ବୃଦ୍ଧି କରିବ । ପାଠ୍ୟକ୍ରମ ପାଠପଢ଼ାକୁ ଖେଳ ଏବଂ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ଆମୋଦଦାୟକ କରିବ । ଏଥିରେ ପଜଲ୍ ଓ ଗାଣିତିକ ଖେଳ ମାଧ୍ୟମରେ ଜଟିଳ ସମସ୍ୟାକୁ ସରଳ କରିବାର ଶୈଳୀ ଶିଖାଯିବ । ପିଲାମାନେ କେବଳ ଘୋଷିବା ପରିବର୍ତ୍ତେ ସେମାନଙ୍କର ସୃଜନଶୀଳତା ଏବଂ ପ୍ରଯୁକ୍ତିର ପ୍ରୟୋଗ କରିବାର ଦକ୍ଷତା ଉପରେ ଆଧାର କରି ସେମାନଙ୍କର ପରୀକ୍ଷା କରାଯିବ । ଏହି ପାଠ୍ୟକ୍ରମ ମାଧ୍ୟମରେ ଭାରତକୁ ଏଆଇ ଏବଂ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି।

## ମ୍ୟୁଟେସନରୁ ନୂଆ ଭାରିଆଣ୍ଟ

ଉହାନର ଏକ ବଜାରରେ ପ୍ରଥମେ ଏହି ଭାଇରସରେ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଥିଲା ଯେଉଁ ବଜାରରେ ଜଙ୍ଗଲୀ ଜନ୍ତୁଙ୍କ ମାଂସ ବିକ୍ରୀ ହୋଇଥାଏ। ଅନ୍ୟ କେତେକଙ୍କ ମତରେ ଉହାନସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି ଲ୍ୟାବରୁ ଉତ୍ପତ୍ତି ହୋଇଛି। ଏହି ଲ୍ୟାବରେ ଏଭଳି ଭାଇରସ ସମ୍ପର୍କରେ ଗବେଷଣା କରାଯାଇଥାଏ। ଅବଶ୍ୟ ଚୀନ ଏହାକୁ ଅସ୍ୱୀକାର କରି ଆସୁଛି, କିନ୍ତୁ ଏଭଳି ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କରୋନା ଭାଇରସ ଦ୍ୱାରା ସୃଷ୍ଟ ରୋଗକୁ କୋଭିଡ-୧୯ କୁହାଗଲା। ବିଶ୍ୱର କୋଣ ଅନୁକୋଣରେ କୋଟି କୋଟି ଲୋକ ଏଥିରେ ଆକ୍ରାନ୍ତ ହେଲେ। ଏହି ରୋଗରେ ଏତେ ଲୋକଙ୍କ ଜୀବନ ଗଲା ଯେ, ଏହି ସଂଖ୍ୟା ୟୁରୋପର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ଭାରତରେ ମଧ୍ୟ ଲକ୍ଷ ଲକ୍ଷ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଏବେ ବି ଆମ ଭିତରେ ଏହି ଭାଇରସ ବଞ୍ଚି ରହିଛି। କୋଭିଡ ବିରୋଧରେ ବିଶ୍ୱବାସୀଙ୍କ ଲଢ଼େଇ ଜାରି ରହିଛି। ଏବେ ଏହା ପୁଣି ନୂଆ ରୂପରେ ଡରାଇବା ଆରମ୍ଭ କଲାଣି। ଗତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ସତର୍କ କରାଇଥିଲା ଯେ, କରୋନା ମହାମାରୀ ଦୂର ହୋଇନି। ଏବେ ବି କରୋନା ଭାଇରସ ନୂଆ ରୂପ ନେଇ ଆକ୍ରମଣ କରିବାର ଆଶଙ୍କା ରହିଛି । ଏହା ଏବେ ସତ ହେଲା ଭଳି ଲାଗୁଛି। କାଲି କରୋନା ଭାଇରସର ମ୍ୟୁଟେସନ ହୋଇ ଆହୁରି ଅଧିକ ମାରାତ୍ମକ ଭାରିଆଂ ନବାହାରିବ ବୋଲି କିଏ କହିବ? ହୁ ପକ୍ଷରୁ କୁହାଯାଇଛି ଯେ, ଅନେକ ଦେଶ ଏବେ କୋଭିଡ ସଂକ୍ରମଣର ସ୍ଥିତି ଉପରେ ନଜର ରଖି ନାହାଁନ୍ତି ବା ରିପୋର୍ଟ ଦେଉ ନାହାଁନ୍ତି। ଅନେକ ଦେଶରେ ଏବେ ବହୁ କୋଭିଡ ସଂକ୍ରମିତ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ପ୍ରାଣ ହରାଉଛନ୍ତି। ତେଣୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ଏବଂ ଯେଉଁମାନେ ବୁଷ୍ଟର ଡୋଜ ନେଇ ନାହାଁନ୍ତି ସେମାନେ ତୁରନ୍ତ ଏହା ନେଇଯିବା ଲାଗି ହୁ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତରେ ଅନେକ କୋଭିଡ ଟିକାର ବୁଷ୍ଟର ଡୋଜ ନେଇ ନାହାଁନ୍ତି। ଏବେ ପ୍ରତ୍ୟେକ ନାଗରିକ ଏହି ବୁଷ୍ଟର ଡୋଜ ନେଇଯିବା ଜରୁରୀ। ସ୍ମରଣ କରାଯାଇପାରେ ଯେ, ୨୦୧୯ ଶେଷ ଭାଗରେ ଚୀନରେ ଏମିତି କରୋନା ଆରମ୍ଭ ହୋଇଥିଲା। ସେତେବେଳେ କେହି କଳ୍ପନା କରିନଥିଲେ ଯେ, ଏହା ସମଗ୍ର ବିଶ୍ୱରେ ହାହାକାର ରଚିଦେବ ବୋଲି। ଏହା ଏବେ ଅନ୍ୟ ରୋଗ ଭଳି ହୋଇଯାଇଛି। ଅନ୍ୟ ସାଧାରଣ ରୋଗରେ ମଧ୍ୟ ପ୍ରତିଦିନ କିଛି କିଛି ଲୋକ ଆକ୍ରାନ୍ତ ହେଉଛନ୍ତି। କରୋନା ଭାଇରସ ସଂକ୍ରମଣ ମଧ୍ୟ ସେହିପରି ସ୍ଥିତିକୁ ଆସିଯାଇଛି। ମୂଳରୁ ବୈଜ୍ଞାନିକମାନେ କହିଥିଲେ ଯେ, କରୋନା କେବେ ସମ୍ପୂର୍ଣ୍ଣ ମୂଳପୋଛ ହେବନି। ଏହା ସବୁ ଦିନ ପାଇଁ ରହିବ। କିନ୍ତୁ ପ୍ରତିଷେଧକ ବଳରେ ଏହାକୁ କେବଳ ନିୟନ୍ତ୍ରଣ କରାଯାଇପାରିବ। କୋଭିଡ ଟିକା ନେବା ପରେ ଏବଂ ଲୋକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ପରେ ମହାମାରୀ ଏବେ ନିୟନ୍ତ୍ରିତ ହୋଇପାରିଛି। କିନ୍ତୁ କୋଭିଡ ସମ୍ପୂର୍ଣ୍ଣ ଦୂର ହୋଇନି। ନିକଟରେ ଆମେରିକାରେ ଏହା ନୂଆ ରୂପରେ ଦୃଷ୍ଟିଗୋଚର ହୋଇଛି ଏହାର ।ନାମ ହେଲା ବି.ଏ.୩.୨। ବିଶେଷଜ୍ଞମାନଙ୍କ କହିବା କଥା ହେଲା କରୋନାର କିଛି ନୂଆ ଭାରିଆଂ ଯୋଗୁ ଏବେ ଏଥିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି। ସ୍ମରଣ କରାଯାଇପାରେ ଯେ, ୨୦୨୧ରେ କରୋନା ଭାଇରସର ଡେଲଟା ଭାରିଆଂ ଯୋଗୁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। କରୋନା ଭାଇରସର ମ୍ୟୁଟେସନରୁ ନୂଆ ଭାରିଆଣ୍ଟ ସୃଷ୍ଟି ହୋଇ ମୃତ୍ୟୁର ଲହର ସୃଷ୍ଟି କରିଥିଲା। ଏହା ସିଧାସଳଖ ମଣିଷରୁ ଫୁସଫୁସକୁ ସଂକ୍ରମିତ କରୁଥିଲା। ରୋଗୀ ଶରୀରରେ ଅକ୍ସିଜେନର ଅଭାବ ଦେଖିବାକୁ ମିଳୁଥିଲା।

## ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

"

*ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ।*

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜୀକୁ ଢ଼ାଙ୍କି ଦେଉଥିଲା କଅଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢୁଛି ତାତି? କାହିଁକି ତରଳୁଛି ବରଫ ମେରୁ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରୂପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨


## ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦଚନ୍ଦ୍ର

॥ ଡଃ ବାସୁଦେବ ଦାସ ॥

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ। ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି। ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ। ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି। ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ। ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା। କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ। ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା। ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ। ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା। ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା। ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ। ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ। ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ। ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ। ୧୯୧୪ ମସିହାରେ ଉତ୍କଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ। ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା। ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ। ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା। ୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ। ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ। ୧୯୧୯ରେ ପଂଞ୍ଜାବର ଜାଲିଓ୍ୱାନାଓ୍ୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର। ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ। ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା। ସେତେବେଳେକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି। ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ। ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି। ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି। ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ। ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ। ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା। ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି। ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା"। ଅସୀ ଠାରୁ ମସୀ ଶକ୍ତିଶାଳୀ। ଏ ବହି ନୁହେଁ ବୋମା। ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା। କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା। ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ। ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ। କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ। ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ। ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି। ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଡୁଆଳ ପ୍ରାଣ ହରାଇଥିଲେ। ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି। ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ। ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ। କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି। ପ୍ରତ୍ୟେକ ରଚନାରେ ବୈପ୍ଳବିକ ଚେତନା ରହିଅଛି।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ। ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ। ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତ୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି। ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି।


**ବଳଦେବ କଲୋନି, ଜୟୀପୁରା, କେନ୍ଦ୍ରାପଡା**


## ମହାତ୍ମାଙ୍କ ଶେଷ ଦିନ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ଦେଉ। ହେ ଦୟାଲ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିଦେଉ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ୍ୟ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - ''ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

## ଜିଲ୍ଲାସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ



କଳାହାଣ୍ଡି, (ମହାଭାରତ) : ଓଡିଆ ପକ୍ଷ ପାଳନ ଅବସରରେ ଆଜି ଥୁଆପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟପୁସ୍ତକ ଜିଲ୍ଲାପାଳଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ଏହି ସମାବେଶରେ ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ସମସ୍ତେ ଭଲ ପାଠ ପଢି ଭଲ ମଣିଷ ହେବାପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀପାଟଣା ଚନ୍ଦନ କୁମାର ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ଏ.ବି.ଇ.ଓ. ଜଗଦୀଶ ଚନ୍ଦ୍ର ମୁଣ୍ଡ, ଜିଲ୍ଲାପରିଷଦ ସଭ୍ୟ ଦୟାନିଧି ନାଏକ, ସରପଞ୍ଚ ଦିଗାମ୍ବର ଲୁହା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍. ନାଗେଶ୍ୱର ରାଓ ପ୍ରମୁଖ ଯୋଗଦେଇଥିଲେ । ପ୍ରକାଶ ଥାଉକି ଓଡିଆ ପକ୍ଷ ପାଳନ ଏପ୍ରିଲ ପହିଲା ଓଡ଼ିଶା ଦିବସ ରୁ ଆରମ୍ଭ କରାଯାଇଅଛି ଏହା ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯିବ । ଶେଷରେ ଏ.ବି.ଇ.ଓ. ଶ୍ରୀ ମୁଣ୍ଡ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବଜ୍ରାଘାତରେ ମହିଳା ମୃତ

କପ୍ତିପଦା , (ମହାଭାରତ ) : କପ୍ତିପଦା – ଘର ବାହାରେ ଶୁଖୁଥିବା ଶାଢ଼ୀ ଆଣୁଥିବା ବେଳେ ହେଲା ବଜ୍ରାଘାତ ଆଉ ବଜ୍ରାଘାତରେ ଚାଲିଗଲା ମହିଳାଙ୍କ ଜୀବନ । ଶରତ ଥାନା ରାଣୀପୋଖରୀ ଲେମ୍ବୁଆସାହି ଗ୍ରାମରେ ଘଟିଛି ଏଭଳି ଘଟଣା । ଆଜି ପୂର୍ବାହ୍ନରେ ଅଚାନକ ବର୍ଷା ପବନ ହୋଇଥିଲା । ଏହି ସମୟରେ ଗ୍ରାମର ମେଞ୍ଚ ସିଂ ଘର ବାହାରେ ଶୁଖୁଥିବା ଶାଢ଼ୀ ଆଣିବାକୁ ଯାଇଥିଲେ । ହେଲେ ହୋଇଥିଲା ବଜ୍ରପାତ । ଆଉ ବଜ୍ରାଘାତରେ ସେହିଠାରେ ହିଁ ସଂଜ୍ଞାହୀନ ହୋଇଯାଇଥିଲେ ମେଞ୍ଚ ସିଂ । ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ମେଡିକାଲ କୁ ଚିକିତ୍ସା ନିମନ୍ତେ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଶରତ ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ପୁରୀରେ ପ୍ରସ୍ତାବିତ କ୍ରୁଜ୍ ଟର୍ମିନାଲ ନୂତନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କଲେ ପାରାଦୀପ ବନ୍ଦର ଓ ରାଜ୍ୟ ସରକାରୀ ଅଧିକାରୀ



ପାରାଦୀପ, (ମହାଭାରତ) : ଓଡିଶାର ସମୁଦ୍ର ଭିତ୍ତିକ ପର୍ଯ୍ୟଟନକୁ ଆଗକୁ ବଢ଼ାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଆଜି ପୁରୀରେ ପ୍ରସ୍ତାବିତ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ ପାଇଁ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି । ଏହି ଟର୍ମିନାଲଟି ଶିପାସୁରୁବାଲି ମୌଜା ଅଞ୍ଚଳରେ ସ୍ଥାପିତ ହେବ, ଯାହା ପୁରୀ ଆନ୍ତର୍ଜାତୀୟ ବିମାନବନ୍ଦର ଓ ନୂତନ ପୁରୀ ବାଇପାସ୍ ରୋଡ଼ ନିକଟରେ ଅବସ୍ଥିତ । ଏହି ସ୍ଥାନଟି ଉତ୍କୃଷ୍ଟ ସଂଯୋଗ ସୁବିଧା ଥିବାରୁ କ୍ରୁଜ୍ ପର୍ଯ୍ୟଟନ ପାଇଁ ଅତ୍ୟନ୍ତ ଉପଯୁକ୍ତ ମନେ କରାଯାଉଛି ।। ଏହି ପ୍ରକଳ୍ପଟି ପାରାଦୀପ ବନ୍ଦର ପ୍ରାଧିକରଣ ଓ ଓଡିଶା ସରକାରଙ୍କ ମିଳିତ ପ୍ରୟାସରେ ବିକଶିତ ହେବ ଏବଂ ଏହା ଏକ ବ୍ୟାପକ ପର୍ଯ୍ୟଟନ ଓ ପାରିପାର୍ଶ୍ୱିକ ଉନ୍ନୟନର ଅଂଶ ବିଶେଷ ହେବ । ପ୍ରସ୍ତାବିତ କ୍ରୁଜ୍ ଟର୍ମିନାଲଟି ସାମୁକା ପ୍ରକଳ୍ପ ସହିତ ସମନ୍ୱୟ ସୃଷ୍ଟି କରି ପୁରୀକୁ ଦେଶୀୟ ଓ ଆନ୍ତର୍ଜାତୀୟ କ୍ରୁଜ୍ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ଉଠିବ । ଏହା ସମ୍ପୂର୍ଣ୍ଣ ହେଲେ ପର୍ଯ୍ୟଟନ ବୃଦ୍ଧି, ରୋଜଗାର ସୃଷ୍ଟି ଓ ରାଜ୍ୟର ଅର୍ଥନୈତିକ ଉନ୍ନତିକୁ ଗତି ଦେବ ବୋଲି ଆଶା କରାଯାଉଛି ।

## ଦଣ୍ଡଯାତ୍ରା ପାଇଁ ଫିରିଙ୍ଗିଆ ଅଞ୍ଚଳ ଉତ୍ସବ ମୁଖର

କନ୍ଧମାଳ, (ମହାଭାରତ) : ସଂପ୍ରତି ଦଣ୍ଡଯାତ୍ରା ଯୋଗୁଁ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅର୍ନ୍ତଗତ କାଶିନିପଦରଅଞ୍ଚଳ ଉତ୍ସବ ମୁଖର ସହ ଚଳଚଞ୍ଚଳ ହୋଇଉଠିଛି । ଫିରିଙ୍ଗିଆ ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳରେ ମଧ୍ୟ କେଉଁଠି ନା କେଉଁଠି ଦଣ୍ଡଯାତ୍ରା ଯୋଗୁଁ ବିଭିନ୍ନ ଦଣ୍ଡଦଳର ନଗର ଭ୍ରମଣ କାଳରେ ପ୍ରତ୍ୟେକ ଘର ସମ୍ମୁଖରେ କୁମ୍ଭ ସ୍ଥାପନର ସୁଦୃଶ୍ୟ ସାଙ୍ଗକୁ ଝୁଣାର ମହକ ଏବଂ ଢୋଲ ବାଦ୍ୟର ଶବ୍ଦରେ ଗଗନ ପବନ ପ୍ରକମ୍ପିତ ହୋଇ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି କରୁଛି । ଦଣ୍ଡୁଆଙ୍କ ଧୂଳିଦଣ୍ଡ, ଜଳଦଣ୍ଡ, ଅଗ୍ନିଦଣ୍ଡ ଓ ପରଭା ନୃତ୍ୟ ହରପାର୍ବତୀ ନୃତ୍ୟ, ଚଢ଼େଇଆ ନୃତ୍ୟ ବିଣାକାର ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଏକ ଭାବବିହ୍ୱଳ ବାତାବରଣ ମଧ୍ୟକୁ ଟାଣି ନେଉଛି । ଏଥି ସହ ରାତ୍ରକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛି । ଅନ୍ୟପକ୍ଷରେ ଦଣ୍ଡଯାତ୍ରା କାଳରେ ବାନା, ବାଡି, ବେତ, ପିଞ୍ଚମୁଠା,ଫୁଲମାଳ, ନବାତ ଓ ଫଳ ଆଦି ପୂଜା ସାମଗ୍ରୀ କ୍ରୟ ସକାଶେ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ବିଭିନ୍ନ ଦୋକାନରେ ଦେଖିବାକୁ ମିଳୁଛି । ତେବେ ଏହି ପାରମ୍ପରିକ ଦଣ୍ଡଯାତ୍ରା ଅବସରରେ ଅଞ୍ଚଳର ବିଭିନ୍ନ ଲୋକକଳାର ଛବି ପ୍ରତିଫଳିତ ହେଉଥ ିବା ଦେଖିବାକୁ ମିଳୁଛି ।

# ନୟାଗଡ଼ ଜିଲ୍ଲାକୁ ପୂରିଲା ତେତିଶି ବର୍ଷ : ସଲଖି ଛିଡ଼ା ହେବାକୁ ଚାଲିଛି ସଂଘର୍ଷ, ଶତାଧିକ ଗାଁ କୁ ନାହିଁ ସଡ଼କ ଓ ବିଜୁଳି







ନୟାଗଡ, (ମହାଭାରତ) : ନୟାଗଡ଼ ଜିଲ୍ଲା କୁ ପୂରିଲା ୩୩ ବର୍ଷ । ଏବେ ବି ଏହି ଜିଲ୍ଲା ଟି ଅଣ୍ଟା ସଳଖି ଛିଡ଼ା ହେବାକୁ ସଂଘର୍ଷ କରୁଛି । ଆଜି ବି ଦୁଇ ଶହ ରୁ ଅଧିକ ଗାଁରେ ବିଜୁଳି ପହଞ୍ଚି ନଥିବା ବେଳେ ମୋବାଇଲ ସେବା ଓ ଭଲ ରାସ୍ତାଟିଏ ମଧ୍ୟ ନାହିଁ । କେବଳ ସେତିକି ନୁହେଁ ଏବେ ବି ଏଠାରେ ରୋଗୀ ଖଟିଆ ରେ ବୁହା ହେଉଥିବା ବେଳେ ଘର ନିକଟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନି । ବାଲ୍ୟ ବିବାହ ଓ ଭ୍ରୁଣ ହତ୍ୟା ପରୀକ୍ଷାରେ ରୋକ୍ ଲଗାଇବା ସମ୍ଭବ ହୋଇପାରୁ ନାହିଁ କେବଳ ପ୍ରତିଷ୍ଠା ଦିବସ ପାଳନ କରି ଜିଲ୍ଲା ପ୍ରଶାସନ ନିଜ ଦାୟିତ୍ୱ ସାରି ଦେଉଛି । ସରକାର ପରେ ସରକାର ବଦଳି ଚାଲିଥିଲେ ମଧ୍ୟ ଜିଲ୍ଲାବାସୀଙ୍କ ଭାଗ୍ୟରେ ସୁଧାର ଆସୁ ନାହିଁ । ବଣ ପାହାଡ଼ ଘେରା ଏହି ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳ ଭରପୁର ରହିଛି । ରାଜ୍ୟର କୋଣ ଅନୁକୋଣରୁ ଏଠାକୁ ପର୍ଯ୍ୟଟକ ଧାଇଁ ଆସୁଛନ୍ତି । ମାତ୍ର ଏଠାରେ ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ସେମିତି କୌଣସି ବ୍ୟବସ୍ଥା ନାହିଁ । ଫଳରେ ବିଦେଶୀ ହୁଅନ୍ତୁ ବା ରାଜ୍ୟ ବାହାରୁ ପର୍ଯ୍ୟଟକ ଏଠାକୁ ଆସିବା ପାଇଁ କୁଣ୍ଠା ପ୍ରକାଶ କରୁଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କଥା ତ ନ କହିବା ଭଲ । ଯେତେ ଅଭିଯୋଗ କରାଗଲେ ମଧ୍ୟ ଏଥିରେ ସୁଧାର ଆସୁନି । ଏହା ସହ ଶିଳ୍ପ ବିହୀନ ଏହି ଜିଲ୍ଲାବାସୀଙ୍କ ଭରସା ଏକ ମାତ୍ର ଚିନି କଳ ଏବେ ବନ୍ଦ ପଡ଼ିଛି । ଏହା ଖୋଲିବ ନା ନୂଆ ପ୍ରତିଷ୍ଠା କରା ?ଯିବ, ତାହା ମଧ୍ୟ ସ୍ପଷ୍ଟ ଭାବେ ଜଣାପଡୁ ନାହିଁ । ଡାଲି ଗବେଷଣା କେନ୍ଦ୍ରରେ ମଧ୍ୟ ତାଲା ପଡ଼ିଛି । ଜିଲ୍ଲାର ୧୬୭୨ ଗାଁ ମଧ୍ୟରୁ ୨୪୭ ଗାଁ ରେ ମୋବାଇଲ୍ ସେବା, ୨୨୯ ଗାଁ ରେ ବିଜୁଳି ଯୋଗାଣ ଓ ୧୦୭ ଗାଁ କୁ ରାସ୍ତା କିମ୍ବା ଅନ୍ୟାନ୍ୟ ମୌଳିକ ସୁବିଧା ନଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇକୋର୍ଟ ରେ ଦାଖଲ କରାଯାଇଥିବା ସତ୍ୟପାଠ ରୁ ଜଣାପଡ଼ିଥିଲା । ସବୁଠୁ ଅଧିକ ଅବହେଳିତ ଗଣିଆ ବ୍ଲକ୍ ?ର ବଡ଼ ସିଲିଙ୍ଗା ପଞ୍ଚାୟତର ଆଦିବାସୀ ଗାଁ ବୁରିଆପାଳୁ ସେରେଣ୍ଡା, ବେଦାଡ଼ି, ଡମାଘାଟି, କୁମୁରି, ତୁଡୁର୍ଙ୍ଗି, କୁଚୁମରା, ଓସାମସ୍କା, ତାଲାବାରି, ଧଉରାବଣି, ବଳିଆ ଝର, ଡିପିସାହି, ସେକେଟାପଲି, ଭାଲିଆପଦର, ମୂଷିଗୁଡ଼ା ଭଳି ବହୁ ଆଦିବାସୀ ଗାଁ ର ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ କେମିତି ଏପର୍ଯ୍ୟନ୍ତ ଦେଖି ନାହାନ୍ତି । ଏହାସହ ଏହି ଅଞ୍ଚଳରେ ଫୋନ୍ ସେବା ମଧ୍ୟ ନାହିଁ । ସେହିପରି ଦଶପଲ୍ଲା ବ୍ଲକ୍ ?ର ଘୁଗୁଡ଼ି ପଞ୍ଚାୟତର ଜାନିସାହିକୁ ମଧ୍ୟ ରାସ୍ତାଟିଏ ନାହିଁ । କାହାର ସ୍ୱାସ୍ଥ୍ୟ ସମସ୍ୟା ହେଲେ ଖଟିଆରେ ବୁହା ହୋଇ ହସ୍ପିଟାଲ କୁ ରୋଗୀକୁ ଆଣିବାକୁ ହୁଏ । ପାନୀୟ ଜଳ ସମସ୍ୟା ଯୋଗୁଁ ସ୍ଥାନୀୟ ଲୋକେ ରୋଗ ଗ୍ରସ୍ତ ହେଉଛନ୍ତି । ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବା ବେଳେ ପ୍ରାୟ ଦୁଇ କିମି ପିଲା ମାନେ ଚାଲି ଚାଲି ପାଠ ପଢ଼ିବାକୁ ଯାଉଛନ୍ତି ଏଣୁ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବା ନିହାତି ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ଉଦଳା କ୍ରୀଡ଼ାବିତଙ୍କ ପାଇଁ କ୍ରୀଡା ସ୍ୱପ୍ନ ହୋଇ ରହିଯିବନି ତ ?




କପ୍ତିପଦା/ଉଦଳା, (ମହାଭାରତ) : ସରକାର କ୍ରୀଡାର ବିକାଶ ପାଇଁ ଅନେକ ଯୋଜନା କରୁଥିବା ବେଳେ କେତେକ କ୍ଷେତ୍ରରେ ଏହା କ୍ରୀଡାର ବିକାଶ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି । କେଉଁଠି ଭିତ୍ତିଭୂମି ର ଅଭାବ ତ ଆଉ କେଉଁଠି ଲକ୍ଷ ଲକ୍ଷ ଟଙ୍କାର ଯୋଜନା ଖତ ଖାଉଛି । ଏହି ପରି କି ଉଦଳା ଅଞ୍ଚଳରେ ଷ୍ଟାଡିୟମ୍ ର ଅଭାବ ଯୋଗୁଁ କ୍ରୀଡାବିତ୍ ଙ୍କ ମଧ୍ୟରେ ଅସୋନ୍ତୋଷ ବୃଦ୍ଧି ପାଇଛି । ସତେ ଯେମିତି ସରକାର ଙ୍କ କ୍ରୀଡାର ବିକାଶ ଯୋଜନା ଉଦଳା ଅଞ୍ଚଳରେ ବାଟ ହୁଡିଛି । ତେବେ ଉଦଳା ଅଞ୍ଚଳରେ ଷ୍ଟାଡିୟମ୍ ର ଅଭାବ କେବେ ପୂରଣ ହେବ ତାହା ସମସ୍ତଙ୍କ ମନରେ ଉଙ୍କି ମାରିଛି । ସେହିପରି ଉଦଳା ମହାବିଦ୍ୟାଳୟ ରେ ୨୦୧୧-୨୦୧୨ ମସିହାରେ ଟଏଉ ରୁ ଇଣ୍ଡୋର ଓ ଆଉଟ୍ ଡୋର ଷ୍ଟାଡିୟମ୍ ପାଇଁ ଅନୁଦାନ ଆସିଲା ହେଲେ ୧୫ ବର୍ଷ ରୁ ଉର୍ଦ୍ଧ ବିତିଯାଇଥିଲେ ମଧ୍ୟ ଯୋଜନା ଯୋଜନା ବାଟରେ ହିଁ ରହିଯାଇଛି । ସୂଚନା ଅନୁଯାୟୀ ଇଣ୍ଡୋର ଷ୍ଟାଡିୟମ୍ ପାଇଁ ୭୦ ଲକ୍ଷ ବ୍ୟୟ ମଞ୍ଜୁର ହୋଇଥିବା ବେଳେ ସେ ବାବଦରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ, ଆଉଟ୍ ଡୋର ଷ୍ଟାଡିୟମ୍ ପାଇଁ ୪୦ ଲକ୍ଷ ରୁ ୨୦ ଲକ୍ଷ ଓ କ୍ରୀଡ଼ା ସାମଗ୍ରୀ ପାଇଁ ୫ ଲକ୍ଷ ରୁ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି । ତେବେ ଅବଶିଷ୍ଟ ଟଙ୍କା ନ ଆସିବାରୁ ଇଣ୍ଡୋର ଓ ଆଉଟ୍ ଡୋର ଷ୍ଟାଡିୟମ୍ ଏବେ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି ।ତେବେ ଉଦଳା ଅଞ୍ଚଳରେ ଖେଳ ପଡିଆ ର ଅଭାବ ଥିବାବେଳେ ଉଦଳା ହାଇସ୍କୁଲ ପଡିଆ ଠାରେ ପଡିଆ ର ଉନ୍ନତି କରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ତାହା ଏବେ ଗୋରୁ ଗାଈଙ୍କର ଚୋରା ଭୂମି ପାଲଟିଛି ।୨୦୧୪ ମସିହାରେ ପଡିଆ ର ଉନ୍ନତି କରଣ ପାଇଁ ୧୦ ଲକ୍ଷ ଟଙ୍କା ଓ ୨୦୧୫ ମସିହାରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାର ସୂଚନା ମିଳିଛି ।ତେବେ ସ୍ଥାୟୀ ଷ୍ଟାଡିୟମ୍ ଟି ନ ଥିବା ଯୋଗୁଁ ଅନେକ କ୍ରୀଡାବିତ୍ ଙ୍କର କ୍ରୀଡ଼ାର ବିକାଶ ହୋଇପାରୁ ନ ଥିବା କହିଛନ୍ତି । ବିଶେଷ କରି ଉଦଳା ଅଞ୍ଚଳ ରେ କ୍ରିକେଟ ଓ ଫୁଟବଲ ଅନେକ କ୍ରୀଡା ପ୍ରତିଭା ରହିଛନ୍ତି ! ଏହି ପରି କି ରାଜ୍ୟ ସ୍ତର ରେ କ୍ରୀଡା ବିତ୍ ମାନେ ସେମାନଙ୍କ ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ! ତେବେ ପଡିଆ ର ଅଭାବ ଯୋଗୁ କ୍ରୀଡା ର ବିକାଶ ହେଉ ନଥିବା କହିଛନ୍ତି କ୍ରୀଡା ବିତ । ସରକାର କ୍ରୀଡା ର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି ହେଲେ ବାସ୍ତବ ରେ ଏହା କେତେ ଫଳପ୍ରଦ । ସେହିପରି ଉଦଳା ମହାବିଦ୍ୟାଳୟ ରେ ଇନଡୋର ଓ ଆଉଟ୍ ଡୋର ତଥା ଉଦଳା ହାଇସ୍କୁଲ ଖେଳ ପଡିଆ ର ଉନ୍ନତି କରଣ ପାଇଁ ଲକ୍ଷ ଲକ୍ଷ ଆସିଥିଲେ ମଧ୍ୟ ପ୍ରଶାସନିକ ସ୍ତର ରେ ତଦାରଖ ନ ହେବା ଫଳ ରେ ଏବେ ଜରାଜୀର୍ଣ୍ଣ ଅବସ୍ଥା ରେ ପଡ଼ି ରହିଛି ।ତେବେ କ୍ରୀଡା ର ବିକାଶ ପାଇଁ ଆଗକୁ କି ପଦକ୍ଷେପ ନିଆ ଯାଉଛି ତାହାକୁ କେବଳ ଅପେକ୍ଷା ।

## ବଢୁଛି ବାଲିଘାଟ କୁ ନେଇ ସମସ୍ୟା, ବିରୋଧୀ ଙ୍କୁ ସାଂସଦ ଙ୍କ ସମର୍ଥନ

କାକଟପୁର୪/୪ମହାଭାରତ :ବାଲିଘାଟକୁ ବିରୋଧ କରି ଏବେ ଦୁଇ ଗୋଷ୍ଠୀ ମୁହାଁମୁହିଁ ,ବାଲିଘାଟକୁ ବିରୋଧ କରି ଶତାଧିକ ଗ୍ରାମବାସୀଙ୍କ ପ୍ରଜାମେଳିକୁ ସ୍ଥାନୀୟ ସାଂସଦ ସମର୍ଥନ କରିଥିବା ବେଳେ ବାଲିଘାଟକୁ ସମର୍ଥନରେ ବାହାରିଲେ ଆଉ କିଛି ଗ୍ରାମବାସୀ,ପୁରୀ ଜିଲ୍ଲା କାକଟପୁର ତହସିଲ ଅଧିନସ୍ଥ ଲତାହରଣ ମୌଜା ରେ ଥିବା ଦେବୀ ନଦୀ ପଠାରେ ଥିବା ୧୬୦୮ ଖାତା ନମ୍ବର ଥିବା ୯.୫୫ ହେକ୍ଟର ଜମିରୁ ବାଲି ଉଠାନକୁ ବିରୋଧ କରି କାକଟପୁର ବ୍ଲକର ମୂଡୁନିଆ , ତାଳଦା ଓ ନାଉଗାଁ ବ୍ଲକ ର ଡାହାଣୀ ଖିଆ , ବାଲିକୁଦା ବ୍ଲକ ର ତରାସାହି ଗ୍ରାମର ଶତାଧିକ ଲୋକ ମୂଡୁନିଆ ଠାରେ ଏକ ପ୍ରଜା ମେଳି କରିଥିଲେ । ଏହି ପ୍ରଜାମେଳି ସ୍ଥଳରେ ଜଗତିଂହପୁର ସାଂସଦ ବିଭୂପ୍ରସାଦ ତରାଇ ପହଞ୍ଚି ପ୍ରଜାମେଳିର ସାମିଲ ଗ୍ରାମବାସୀଙ୍କୁ ସମର୍ଥନ ଜଣାଇବା ସହ ବାଲି ଖନନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପରିବେଶ , ରାସ୍ତାଘାଟ ଉପରେ ଏହାର କୁ ପ୍ରଭାବ ପଡିବା ସହ ନଦୀର ଗତି



ପଥ ପରିବର୍ତ୍ତନ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବାଲିଘାଟ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳ ଙ୍କ ଅବଗତ କରାଯାଇଥିବା ସେ କହିଥିବା ବେଳେ ସରକାର ଗ୍ରାମବାସୀଙ୍କ ଦାବିପୂରଣ ନକଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଗ୍ରାମବାସୀ ଧମକ ଦେଇଛନ୍ତି । ଅନ୍ୟ ପକ୍ଷରେ ଏହି ବାଲିଘାଟ କୁ ରାଜସ୍ୱ ବିଭାଗ ୨୦୧୮ ,୨୦୧୯ ମସିହା ରେ ଜଗତସିଂହପୁର ର ଶକୁନ୍ତଳା କାବୁ ନାମକ ଜଣେ ଲିଜଧାରୀଙ୍କୁ ଲିଜ ପ୍ରଦାନ କରିଥିଲେ, ତେବେ ଗୋଟେ ପଟେ ଶକୁନ୍ତଳା କାବୁ ଙ୍କ ସମର୍ଥକ ମାନେ କହୁଛନ୍ତି ଯେ ଲଘୁ ଖଣିଜ ବିଭାଗ ସହିତ ଲିଜ ଧାରୀ ଙ୍କ ଚୁକ୍ତିନାମା ସରିଛି, ସରକାର ଙ୍କ ନିୟମ ମୁତାବକ ଆମ ପାଖରେ ସମସ୍ତ କାଗଜ ପତ୍ର କାମ ସରିଛି, ଆମେ ମଧ୍ୟ ସରକାର ଙ୍କ ନିକଟରେ ଅର୍ଥ ପୈଠ କରିଛୁ ମାତ୍ର ଆମକୁ କାହିଁକି ଆମ କାର୍ଯ୍ୟ କରିବାକୁ ବାଧା ଦିଆଯାଉଛି, ଏବେ ବାଲି ବିରୋଧୀ ମଞ୍ଚ କେତେବେଳେ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ତରାଇ ଙ୍କ ସହଯୋଗ କାମନା କରୁଛନ୍ତି ତ ଆଉ କେବେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା ଙ୍କ ସହଯୋଗ କାମନା କରୁଛନ୍ତି,ତେବେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ବାଲି ଉଠାନ ବନ୍ଦ ରହିଥିଲା । ତେବେ ସ୍ଥାନୀୟ ଅଞ୍ଚଳର ଆଉ ଗୋଟିଏ ଗୋଷ୍ଠୀ ବାଲି ଉଠାନକୁ ସମର୍ଥନରେ ବାହାରି ବାଲିଘାଟ ଖୋଲିବାକୁ ଦାବି କରିଛନ୍ତି । ଏହି ବାଲିଘାଟ କୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି । ତେବେ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

## ଲହଣ୍ଡା । ଓଭର ବ୍ରିଜ ନିକଟରେ ୩ ବାଇକ୍ ମଧ୍ୟରେ ସିରିଜ୍ ଦୁର୍ଘଟଣା,୬ ଆହତ

ଯୋଡା, (ମହାଭାରତ): ଯୋଡା ଥାନା ଅନ୍ତର୍ଗତ ଲହଣ୍ଡା । ପେଟ୍ରଲ ପମ୍ପ ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ରିମୁଳି ପଟୁ ଯୋଡ଼ା କୁ ଆସୁଥିଲେ ଆଗ ପଛ ହୋଇ ତିନୋଟି ବାଇକ୍ ଆସୁଥିଲେ । ଏତେ ସ୍ପିଡ୍ ରେ ଆସୁଥିଲେ ଯେ ବ୍ରେକ୍ ବି କାମ କଲାନାହିଁ । ତିନୋଟି ବାଇକ୍ ଦୁର୍ଘଟଣା ଘଟିଛି । ଏଥିରେ ଯୋଡା ତାରିଣୀ ଛକ ଆମ୍ବ ବାଗାନ୍ ର ସାହିନ ମୁଣ୍ଡା,ଆଜାଦ ବସ୍ତି ର ଅଂଶୁମାନ ବେହେରା,ସମୀର ଖାନ ଗୁରୁତର ଆହତ ହୋଇ କମାର ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇ ଥିବା ଜଣାପଡିଛି ।ତେବେ ଅନ୍ୟ ବାଇକ୍ ରେ ଥିବା ସୋମ ପାଟଣା ଅଞ୍ଚଳର ଲକ୍ଷ୍ମୀଧର ପାତ୍ର ତାଙ୍କ ଭାଇ ଲମ୍ବୋଧର ପାତ୍ର,ଓ ହାତିଆ ନାଗ । ଅଞ୍ଚଳ ର କାହ୍ନୁ ଚରଣ ମୁଣ୍ଡା ।ଏମାନେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି ।ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ତିନୋଟି ବାଇକ୍ ରେ ଆହତ ୬ ଜଣ ଯୋଡା ଅଭିମୁଖେ ଆସୁଥିବା ବେଳେ ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ସେମାନେ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲେ ।ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ଆହତ ଙ୍କୁ ଡାକ୍ତର ଖାନ। ରେ ଭର୍ତ୍ତି କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ପୋଲିସ ସୂଚନା ଦେଇଛି ।

## ଶଶୁର ଘରେ ପଶି ସ୍ତ୍ରୀକୁ ହାଣିଲା ସ୍ୱାମୀ, ସ୍ୱାମୀ ଗିରଫ

ଏରସମା, (ମହାଭାରତ) : ଶଶୁର ଘରେ ପଶି ଧାରୁଆ କଟୁରୀରେ ସ୍ତ୍ରୀକୁ ହାଣିଲା ସ୍ୱାମୀ , ଝିଅ କୁ ବଞ୍ଚାଇବା ପାଇଁ ଯାଇ ଶଶୁର ମଧ୍ୟ ଆହତ । ଗୁରୁତର ଆହତ ହୋଇଥିବା ମାନି କୁ ତୁରନ୍ତ ଏରସମା ମେଡିକାଲ କୁ ନିଆଯାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଏରସମା ବ୍ଲକ ଗଡ଼ବିଶୁନପୁର ବଉଳପୁର ଗ୍ରାମ ରେ । ସୂଚନା ଅନୁସାରେ, ତିର୍ତ୍ତୋଲ ବ୍ଲକ ଅରିଲୋ ଗାଁର ଆଦର୍ଶ ବାରିକ୍ ବଉଳପୁର ଗାଁ ର ଜଗୁ ସ୍ୱାଇଁ ଙ୍କ ଝିଅ ମାନି ସ୍ୱାଇଁଙ୍କୁ ପ୍ରେମ ବିବାହ କରିଥିଲେ । କିନ୍ତୁ ବିବାହ ପରେ ପରେ ସ୍ୱାମୀଙ୍କ ନିର୍ଯାତନା ଓ ମାଡ଼ ମାରିବା ଘଟଣା ବଢ଼ି ଚାଲିଥିଲା ଯାହାକୁ ନେଇ ଏରସମା ଥାନାରେ ପୂର୍ବରୁ ମାମଲା ରୁଜୁ ହୋଇଥଲା । ସ୍ୱାମୀ ନିର୍ଯାତନା ରେ ଅସହ୍ୟ ହୋଇ ମାନି ଗତ ମାସଠାରୁ ବାପଘରେ ରହୁଥିଲେ । ହଠାତ୍ ଆଦର୍ଶ ଗୋଟିଏ ବ୍ୟାଗ୍ରେ ଧାରୁଆ କଟୁରୀ ନେଇ ଶଶୁର ଘରକୁ ପଶି ସ୍ତ୍ରୀଙ୍କୁ ନିର୍ଦ୍ଦୟ ଭାବେ ଆକ୍ରମଣ କରିଥିଲେ । ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇଥିବା ବେଳେ ତାଙ୍କ ବାପା ଜଗୁ ସ୍ୱାଇଁ ମଧ୍ୟ ଆହତ ହୋଇଥିଲେ । ଚିତ୍କାର ଶୁଣି ଗାଁଲୋକ ଏକତ୍ରିତ ହୋଇ ଅଭିଯୁକ୍ତକୁ କାବୁ କରି ଏରସମା ପୋଲିସକୁ ଜିମା ଦେଇଥିଲେ । ପୋଲିସ ଅଭିଯୁକ୍ତଙ୍କୁ ଆଟକ ରଖି ଘଟଣାର ତଦନ୍ତ ଜାରି ରଖିଛି ।

# ଜିଲ୍ଲା ଶିକ୍ଷା ବିଭାଗର ବେପରୁଆ ମନବୃତ୍ତି : କୋମଳମତି ଶିଶୁଙ୍କୁ ଧରି ଟାଇଁ ଟାଇଁ ଖରାରେ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ କଲା ଜିଲ୍ଲା ଶିକ୍ଷା ବିଭାଗ, ଅନୁଦାନ ଚଳୁ କରିବାକୁ ବ୍ୟବସ୍ଥା




ନୟାଗଡ଼, ( ମହାଭାରତ ) : ଜିଲ୍ଲା ଶିକ୍ଷା ବିଭାଗର ବେପରୁଆ ମନବୃତ୍ତି ପାଇଁ ଟାଇଁ ଟାଇଁ ଖରାରେ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ରେ ବିଳମ୍ବ ଯୋଗୁଁ କୋମଳ ମତି ଛାତ୍ର ଛାତ୍ରୀ ଅଭିଭାବକ ଏବଂ ଅତିଥି ଅସହ୍ୟ ଗରମରେ କଲବଲ ହୋଇଛନ୍ତି । ଏପରିକି ପରିସ୍ଥିତି ଅସହ୍ୟ ହେବାରୁ ଅନେକ ଅଭିଭାବକ ଓ ଛାତ୍ର ଛାତ୍ରୀ ମୁଖ୍ୟ ଅତିଥି ଭାଷଣ ଦେବା ବେଳକୁ ସଭା ଛାଡ଼ି ଚାଲି ଯାଇଥିବା ଦେଖାଯାଇଛି । ନୟାଗଡ଼ ଜିଲ୍ଲା ସ୍ତରୀୟ ଖଡ଼ି ଛୁଆଁ ଉତ୍ସବ ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲାପାଳ ମଧୁମିତା ରଥ, ନୟାଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜନ ଅବସରରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଜିଲ୍ଲାପାଳ ବକ୍ତବ୍ୟ ଦେଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶିକ୍ଷାର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ । ବାଚସ୍ପତି ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିବା ସହ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ୮ ଟି ସଚେତନତା ରଥକୁ ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା । ଦିନ ୧୧.୫୦ ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୨.୩୦ ରେ ଶେଷ ହୋଇଥିଲା । କୋମଳମତି ଶିଶୁ ମାନେ ଖଡ଼ି ଛୁଆଁ ବଦଳରେ ଖରାଛୁଆଁ ଅନୁଭବ କରିଥିଲେ । ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ହାତ ଗଣତି ଅଭିଭାବକ ଓ ହାତ ଗଣତି ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିବା ଦେଖା ଯାଇଥିଲା । ଅଭିଭାବକ ମାନେ ପିଲାଙ୍କୁ ଧରି ସକାଳ ୬.୩୦ରୁ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆକୁ ଆସି ଦୀର୍ଘ ସମୟ ଧରି ଖରାରେ ଛଟ ପଟ ହୋଇଥିଲେ । ଜିଲ୍ଲା ଶିକ୍ଷା ବିଭାଗ ଅଦୂରଦର୍ଶିତା ପାଇଁ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ଶିକ୍ଷା ବିଭାଗ ତଥା ସମଗ୍ର ଶିକ୍ଷାକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ସୂଚନା ମିଳିଛି । ଜିଲ୍ଲା ସ୍ତରୀୟ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସଚେତନତା ରଥ ଓ ପ୍ରଚାର ପ୍ରସାର ପାଇଁ ଆସିଥିବା ଏହି ଅର୍ଥରୁ ସିଂହ ଭାଗ ଚଳୁ କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି । ଜିଲ୍ଲା ଶିକ୍ଷା ବିଭାଗ ଏବେ କଳୁଷିତ ହୋଇ ସାରିଥିବା ବେଳେ ଜିଲ୍ଲା ପ୍ରଶାସନ ସବୁ ଜାଣି ଅଜଣା ହେବାର ଅଭିନୟ କରୁଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମାଲକାନଗିରିରେ ଓଡ଼ିଆ ନାମ ଫଳକ ଲେଖା ଅଭିଯାନ: ଜିଲ୍ଲାପାଳଙ୍କ ଦ୍ୱାରା ଶୁଭାରମ୍ଭ



ମାଲକାନଗିରି, (ମହାଭାରତ):ଜିଲ୍ଲାରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ଲକ୍ଷ୍ୟରେ ଏକ ସଚେତନତା ଶୋଭାଯାତ୍ରା ଓ ଓଡ଼ିଆ ନାମ ଫଳକ ଲେଖା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବସଷ୍ଟାଣ୍ଡ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଜିଲ୍ଲାପାଳ କହିଛନ୍ତି ଯେ, ଓଡ଼ିଆ ଆମର ମାତୃଭାଷା ଏବଂ ଏହାର ସମ୍ମାନ ରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ। ସରକାରୀ ନିୟମ ଅନୁଯାୟୀ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ନାମ ଫଳକ ଲେଖିବା ବାଧ୍ୟତାମୂଳକ। ଏହା କେବଳ ଏକ ଅଭିଯାନ ନୁହେଁ, ବରଂ ଆମ ଭାଷା ଓ ସଂସ୍କୃତି ପ୍ରତି ଆମର ଗର୍ବର ପ୍ରତୀକ ।ମାଲକାନଗିରିବାସୀ ଏହି ଅଭିଯାନରେ ସହଯୋଗ କରି ନିଜ ନିଜ ଦୋକାନ ଓ ପ୍ରତିଷ୍ଠାନରେ ଓଡ଼ିଆ ନାମ ଫଳକ ଲଗାଇବାକୁ ଜିଲ୍ଲାପାଳ ଆହ୍ୱାନ କରିଛନ୍ତି ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।ଜିଲ୍ଲା ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକାଙ୍କ ପ୍ରତ୍ୟେକ୍ଷ ତ□ାବଧାନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା । ଏଥିରେ ସହାୟକ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ ଓ ବିଭାଗୀୟ କର୍ମଚାରୀ ଚିନ୍ମୟ ରାଉତରାୟ, ବିଜୟାନନ୍ଦ ପଣ୍ଡା, ରିଙ୍କୁ ରଞ୍ଜନ ଅଧିକାରୀ ଓ ସୋନାଲି ରାୟ ସହଯୋଗ କରିଥିଲେ। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଓଡ଼ିଆରେ ନାମ ଫଳକ ଲଗାଇବା ପାଇଁ ଏହି ଅଭିଯାନ ମାଧ୍ୟମରେ ସଚେତନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବାଣିଜ୍ୟ ସଂଘର ସଦସ୍ୟ ଗଣେଶ ସାହା, ସତ୍ୟ ନାରାୟଣ କଲେଜର ଛାତ୍ରଛାତ୍ରୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

## କେଶରୀଗୁଡା-ରଙ୍ଗମାଟିଗୁଡା ୨.୪କିମି ରାସ୍ତାରେ ୨୪ହଜାର ଗର୍ତ୍ତ

ନବରଙ୍ଗପୁର :ନବରଙ୍ଗପୁର ସହର ଉପକଣ୍ଠ ନନ୍ଦାହାଣ୍ଡି ବ୍ଲକର କେଶରୀଗୁଡାରୁ ରଙ୍ଗମାଟିଗୁଡା ୨.୪୦୦କିଲୋମିଟର ପିଏମଜିଏସୱାଇ ରାସ୍ତାରେ ଏବେ ୨୪ହଜାର ଗର୍ତ୍ତ। ଏତେ ସଂଖ୍ୟକ ଫଟହଲ ଯେ ସାମାନ୍ୟ ବର୍ଷା ହେଲେ ଏହି ରାସ୍ତାରେ ଶହ ଶହ କୃତ୍ରିମ ପୋଖରୀ ଦେଖିବାକୁ ମିଳେ। ସାଧାରଣ ସମୟରେ ବି ସାଇକେଲ କିମ୍ବା ବାଇକରେ ବି ଯିବା ବିପଦସଂକୁଳ। ରାସ୍ତା ଅବସ୍ଥା ଭଲନଥିବାରୁ ଜରୁରୀ ସମୟରେ ଆମ୍ବୁଲାନସ୍ ବି ଯିବା ମୁସ୍କିଲ ହୋଇପଡିଛି। ଅବଧି ସରିବା ବାହନାରେ ଠିକାଦାର ମରାମତି କରୁନି। ଗ୍ରାମ୍ୟ ବିଭାଜନ ବିଭାଗ ନୂଆ କରିବା ବାହାନାରେ ମରାମତି କରୁନି ।ବିଭିନ୍ନ ବୈଠକରେ ବିଧାୟକ ଗୌରୀଶଙ୍କର ମାଝୀ ରାସ୍ତାର ସାମୟିକ ମରାମତି କରିବାକୁ କହିଥିଲେ। ପରେ ପୁନରୁଦ୍ଧାର ପାଇଁ ଡିପିଆର ପ୍ରସ୍ତୁତ କରିବାକୁ କହିଥିଲେ ହେଁ ତାହା ବି କାର୍ଯ୍ୟକାରୀ ହୋଇପାରୁନି। ଏହି ରାସ୍ତା ପାଇଁ ୨ଟି ବୋର୍ଡ ଲଗାଇ ଦ୍ୱନ୍ଦ ସୃଷ୍ଟି କରାଯାଇଛି। ସ୍ପଷ୍ଟ ଭାବେ କେବେ ଆରମ୍ଭ ହୋଇଛି ଜଣାପଡୁନି। ଗୋଟିଏ ବୋର୍ଡରେ ୨୦୧୯ମସିହା ଓଅନ୍ୟ ବୋର୍ଡରେ ୨୦୨୦ମସିହା ଲେଖାଯାଇଛି। ବୋର୍ଡରେ ଯାହାଲେଖାଥିଲେ ବି ରାସ୍ତାର ୫ବର୍ଷିୟା ଅବଧି ସରିଛି। ତେବେ ଅବଧି ସରିବା ପରେ ବି



ରାସ୍ତା ଭଲ ରହିବା କଥାୟ ତେବେ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ସହ ବଜୁରୀ, ମେଟାଲ ଆଦି ବାହାରି ଯାଇଛି। ଏହି ରାସ୍ତା ଉପରେ ନିର୍ଭର ଥିବା ନବରଙ୍ଗପୁର ଓ ନନ୍ଦାହାଣ୍ଡିବ୍ଲକର ୭ଟି ପଂଚାୟତର ୨୫ଟି ଗାଁର ପ୍ରମୁଖ ରାସ୍ତା ଭାବେ ପରିଚିତ ଥିବା ରାସ୍ତା ଅବସ୍ଥା ଶୋଚନୀୟ।୨୦୨୦ ମସିହାରେ ପିଏମଜିଏସୱାଇ ଯୋଜନାରେ ୨୮କୋଟି ୫୦ଲକ୍ଷ ବ୍ୟୟରେ ଏହି ରାସ୍ତାଟି ନିର୍ମାଣ ହୋଇଥିଲା। ବର୍ଷକୁ ଏହାର ରକ୍ଷଣା ବେକ୍ଷଣ ପାଇଁ ପୁଣି ୨୨ଲକ୍ଷ.୧୦ଲକ୍ଷ ଗ୍ରାମ୍ୟବିଭାଜନ ବିଭାଗ ଦେଇ ଆସୁଥିଲା। ରାସ୍ତାଟି ଅତ୍ୟନ୍ତ ନିମ୍ନମାନର ନିର୍ମାଣ ହୋଇଥିବାରୁ ଅବଧି ସରିବା ମାତ୍ରକେ ରାସ୍ତା ହଜିବା ଅବସ୍ଥାକୁ ଆସି ପିଚୁ, ବଜୁରୀ ଓ ମେଟାଲ ସବୁ ବାହାରି ଆସିଲାଣି ବୋଲି କହିଛନ୍ତି ଅଂଚଳବାସୀ। ରାସ୍ତାରେ ବାଇକଓ ସାଇକେଲରେ ନବରଙ୍ଗପୁର ସହରକୁ ପିବାକୁ ଆସୁଥିବା କଲେଜ ଛାତ୍ରଛାତ୍ରୀ, ଦିନ ମଜୁରିଆ ଓ ପନିପରିବା ଚାଷୀ, ଓମଶାନ୍ତି ଆଶ୍ରମକୁ ଯାଉଥିବା ବ୍ରହ୍ମକୁମାର, ବ୍ରହ୍ମକୁମାରୀ ଓ ଶ୍ରଦ୍ଧାଳୁମାନେ ବହୁ ବାର ଦୁର୍ଘଟଣାର ଶୀକାର ହେବା ଜାରଣ ରହିଛି। ଏହି ରାସ୍ତା ଦେଇ ରଙ୍ଗମାଟିଗୁଡା ଛକରୁ ଅଳ୍ପ ଦୂର ଗଲେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ବାସଭବନ ବି ରହିଛି। ବିଧାୟକଙ୍କ ନିକଟକୁ ବିଭିନ୍ନ କାମରେ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁରୁ ଆସୁଥିବା ଲୋକେ ରାସ୍ତା ଦେଖି ଭିନ୍ନ ଭିନ୍ନ ଚର୍ଚ୍ଚା ଆରମ୍ଭ କରିଛନ୍ତି। ଏହି ରାସ୍ତାର ପୁନଃରୁଦ୍ଧାର ପାଇଁ ସର୍ଭେ ଆରମ୍ଭ କରି ଡିପିଆର ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ଗ୍ରାମ୍ୟ ବିଭାଜନ ବିଭାଗର ନିର୍ବାହୀ ଯନ୍ତ୍ରୀ ।

## ମାଲକାନଗିରିରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ



ମାଲକାନଗିରି,(ମହାଭାରତ):ଜିଲ୍ଲାରେ ନୂତନ ଶିକ୍ଷା ବର୍ଷର ଶୁଭାରମ୍ଭ ଅବସରରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ବହୁ ଆଡ଼ମ୍ବରରେ ଏମଭି ୭ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ବିଧାୟକ ଶ୍ରୀ ମାଡକାମୀଙ୍କ କହିଥିଲେ ଯେ ଶିକ୍ଷା ହେଉଛି ପ୍ରଗତିର ମୂଳଦୁଆ। ଆଜିର ଏହି ଖଡ଼ି ଛୁଆଁ କେବଳ ଏକ ପରମ୍ପରା ନୁହେଁ, ବରଂ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ଶୁଭାରମ୍ଭୟ ଆମ ଜିଲ୍ଲାର ପ୍ରତ୍ୟେକ ପିଲା ଯେଭଳି ଗୁଣାତ୍ମକ ଶିକ୍ଷା ପାଇବେ, ସେଥିପାଇଁ ସରକାର ଓ ପ୍ରଶାସନ ପ୍ରତିବଦ୍ଧ। ସେହିପରି ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ ବିଦ୍ୟାଳୟ ଗୁଡ଼ିକୁ ଶିଶୁ ଅନୁକୂଳ କରିବା ଏବଂ ସେମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ଆମର ପ୍ରାଥମିକତା। ଏହି ସଚେତନତା ରଥ ସମଗ୍ର ଜିଲ୍ଲା ଭ୍ରମଣ କରି ଶତପ୍ରତିଶତ ନାମଲେଖା ନିଶ୍ଚିତ କରିବା ଦିଗରେ ଅଭିଭାବକମାନଙ୍କୁ ସଚେତନ କରିବୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ କହିଥିଲେ ଯେ, ପ୍ରବେଶ ଉତ୍ସବ ମାଧ୍ୟମରେ ବିଦ୍ୟାଳୟରେ ଏକ ଉତ୍ସବମୁଖର ପରିବେଶ ସୃଷ୍ଟି କରାଯାଉଛି। ଶିକ୍ଷା କିଟ୍ ଓ ମିଠା ବଣ୍ଟନ ଶିଶୁମାନଙ୍କ ମନରେ ବିଦ୍ୟାଳୟ ପ୍ରତି ଭୟ ଦୂର କରି ଖୁସି ଭରିଦେବ ।ଏହି ଅବସରରେ ବିଧାୟକ ଓ ଜିଲ୍ଲାପାଳ ଶିଶୁମାନଙ୍କୁ ଖଡ଼ି ଛୁଆଁଇବା ସହ ସେମାନଙ୍କୁ ଶିକ୍ଷା କିଟ୍, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର, ଗୋଲାପ ଫୁଲ, ମିଠା ଓ ଚକଲେଟ ପ୍ରଦାନ କରିଥିଲେ । ଏକ ସ୍ୱତନ୍ତ୍ର ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା, ଯାହା ଜିଲ୍ଲାର କୋଣ ଅନୁକୋଣରେ ଶିକ୍ଷା ବାର୍ତ୍ତା ପହଞ୍ଚାଇବ। କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋସ ନାରାୟଣ ପଣ୍ଡା ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ଏହି ଅଭିଯାନ ସମଗ୍ର ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ବିଷମକଟକରେ 'ଶିକ୍ଷା ସଚେତନତା ରଥ'ର ଶୁଭାରମ୍ଭ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ

ବିଷମକଟକ, (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାର ପ୍ରସାର ଓ ଜନସଚେତନତା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପି.ଏମ୍. ଶ୍ରୀ ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ସକାଳ ୮ଟା ସମୟରେ 'ପ୍ରବେଶ ଉତ୍ସବ', 'ଖଡ଼ିଛୁଆଁ' ଏବଂ 'ଶିକ୍ଷା ସଚେତନତା ରଥ'ର ପରିକ୍ରମା ଶୁଭାରମ୍ଭ କରାଯାଇଛି ।ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ସହ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଷମକଟକ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ ଏବଂ ବିଦ୍ୟାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ସଚେତନତା ରଥଟି ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

## ନାଗଡ଼ ପିଏମ ଶ୍ରୀ ହାଇସ୍କୁଲରେ ପ୍ରବେଶ ଉତ୍ସବ

ଜୁନାଗଡ଼ (ମହାଭାରତ ): ଜୁନାଗଡ଼ ପିଏମ ଶ୍ରୀ ହାଇସ୍କୁଲରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ ଉତ୍ସାହ ଓ ଉଲ୍ଲାସର ମାଧ୍ୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ନବପ୍ରବେଶ କରୁଥିବା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିବା ସହିତ ଖଡ଼ି ଛୁଆଁ ଯାଇ ତାଙ୍କର ଶିକ୍ଷାଜୀବନର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ଚେୟାରମ୍ୟାନ୍ ସବିତା ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୂଲ୍ୟ ଓ ନିୟମିତ ପଢ଼ାଶୁଣାର ଗୁରୁତ୍ୱ ବିଷୟରେ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ତଥା ବିଜେପି ବରିଷ୍ଠ ନେତା ଶ୍ରୀଯୁକ୍ତ ମନୋଜ ମେହେର, ଜୁନାଗଡ଼ ଓକିଲ ସଂଘର ସଭାପତି ଶ୍ରୀଯୁକ୍ତ ହିମାଂଶୁ ଶେଖର ବରାଡ଼, ପୁରାତନ ଛାତ୍ର ସଂସଦ ସଭାପତି ତଥା ଓଡିଶା ସାମ୍ବାଦିକ ୟୁନିଅନ ଉପ ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ସିଂହଦେଓ , ପୂର୍ବତନ ଅଧକ୍ଷ ଜୁନାଗଡ଼ ଏନଏସସି ଶ୍ରୀଯୁକ୍ତ ମୁକେଶ ଅଗ୍ରୱାଲ, ଶିକ୍ଷକ ସଙ୍ଘ ସଭାପତି ଶାନ୍ତନୁ ମାଝୀ,ନେତ୍ରାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ।

## ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି(ମହାଭାରତ): ସ୍ଥାନୀୟ ମହେନ୍ଦ୍ରଗିରି (ପୌର) ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ ଆରମ୍ଭ ହୋଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ଭାବେ ଗଜପତି ଜିଲ୍ଲା ପରିଷଦର ଅଧକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦର ଅଧକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧର,ୱାର୍ଡ କାଉନସିଲର ବାଳକୃଷ୍ଣ ପାତ୍ର ଓ ବିଭୂତି ଭୂଷଣ ବେହେରା, ସାଂସଦ ପ୍ରତିନିଧି ଦାରାପୁ ଚିଟ୍ଟି ଏବଂ ଡାଇଟ୍ ର ଅଧକ୍ଷ ଡାକ୍ତର ମୁର୍ମୁ ମଂଚାସୀନ ଥିଲେ। ।



## ଅଭିଭାବକଙ୍କୁ ନେଇ ବୀଣାପାଣି ଶିଶୁ ମନ୍ଦିରର ନୂଆ ପ୍ରୟାସ

ବାଲିପାଟଣା,(ମହାଭାରତ)ବୀଣାପାଣି ଶିଶୁ ମନ୍ଦିର, ବନମାଳୀପୁର ତାର ୩୫ତମ ବାର୍ଷିକ ଉତ୍ସବ ପୂର୍ବରୁ ଏକ ଅଭିନବ କୌତୁକ ଖେଳମାଧ୍ୟମରେ ଅଭିଭାବକ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା ।ପ୍ରଥମ ଦିନ ମାଆ ମନ୍ତ୍ରଙ୍କ ପ୍ରତିଯୋଗିତାରେ ୨୦ ଜଣ ମାଆ ପ୍ରତି ଦ୍ୱନ୍ଦିତା କରିଥିଲେ ।ସେମାନଙ୍କ ମଧ୍ୟରୁ ୩ ଜଣ ମାଆ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେମାନେ ହେଲେ ୧ମ ତରଙ୍ଗ ତନୟା ରାଜ୍ ୨ୟ ପୂଜା ଚୀନରା,୩ୟ ରୋଜି ବିଶ୍ୱାଳ ୨ୟ ଦିନ ପ୍ରତି ଯୋଗିତାରେ ୨ଜଣ ଜେଜେବାପା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଗଣେଶ୍ୱର ଜେଠୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏବଂ ରଥ ଜେନା ୨ୟ ସ୍ଥାନ ଅଧିକାର କରିଥିଲେ ।ବାପା ମାନଙ୍କ ପ୍ରତିଯୋଗିତାରେ ୧୪ଜଣ ବାପା ଅଂଶ ଗ୍ରହଣ କରିଥିଲେ ।ଏହି ପ୍ରତିଯୋଗିତାରେ ସୁଜିତ କୁମାର ପାତ୍ର ପ୍ରଥମ, ରତ୍ନାକର ସାହୁ ୨ୟ ଓ ସୁଶାନ୍ତ କୁମାର ଖୋଡେଇ ୩ୟ ସ୍ଥାନ ଅଧିକାର କରିଥିଲେ ।ଏହି ପ୍ରତିଯୋଗିତା ଦ୍ୱାରା ଅଭିଭାବକ ମାନେ ବହୁ ଆନନ୍ଦର ସହ ଉପଭୋଗ କରିଥିଲେ।

## ଗଛ କାଟୁଥିଲେ ଚାପି ଦେଲା ଡାଳ ଚାଲିଗଲା ଜୀବନ



କପ୍ତିପଦା -(ମହାଭାରତ ):କପ୍ତିପଦା -ଗଛ ଉପରେ ଚଢି କାଟୁଥିଲେ ଗଛ। ହେଲେ ଲଦି ହୋଇଗଲା ଆଉ ଏକ ଗଛୟ ଗଛ ସନ୍ଧିରେ ଚାପି ହୋଇ ୨୦ ଫୁଟ ଉପରେ ଏକ ଘଣ୍ଟା ଧରି ଝୁଲିରହିଲେ ଯୁବକ। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା କଟୁରିଆ ଗ୍ରାମରେ। ଶାଣଦେଇ ଗ୍ରାମର କୁଅଁର ହାଁସଦା କଟୁରିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଗଛ କାଟିବା ପାଇଁ ଗଛ ଉପରକୁ ଉଠିଥିଲେ। ଗଛର ଡାଳ କାଟିବା ପରେ ହଠାତ ଉକ୍ତ ଗଛ ଉପରେ ଆଉଜି ହୋଇ ରହିଥିବା ଅନ୍ୟ ଏକ ଡାଳ କୁଅଁରଙ୍କ ଉପରେ ଗଛଟି ଚାପି ହୋଇ ରହିଥିଲା। ପ୍ରାୟ ୨୦ ଫୁଟ ଉପରେ ସେ ଏହି ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖି ଦମକଳ ବିଭାଗକୁ ଖବର ଦେଇଥିଲେ। କପ୍ତିପଦା ଦମକଳ ବିଭାଗ ଘଟଣା ସ୍ଥଳରେ ପହଞ୍ଚି କୁଅଁରଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କପ୍ତିପଦା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟ୍ରକ-ବାଇକ ମୁହାଁମୁହିଁ ଧକ୍କା: ଟ୍ରକ ଓଲଟିଲା, ଅଳ୍ପରେ ବର୍ତ୍ତିଲେ ବାଇକ ଚାଳକ

ଗଣିଆ,(ମହାଭାରତ): ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଟ୍ରକ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଥିବା ସୂଚନା ମିଳିଛି। ଧକ୍କାର ପ୍ରଭାବ ଏତେ ଜୋରଦାର ଥିଲା ଯେ ଟ୍ରକଟି ନିୟନ୍ତ୍ରଣ ହାରାଇ ରାସ୍ତା ପାଖରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ଥିବା ସ୍ଥାନୀୟ ଲୋକମାନଙ୍କ କହିବା ଅନୁଯାୟୀ, ବାଇକ ଚାଳକ ଟ୍ରକ ସହ ସମ୍ମୁଖୀନ ହୋଇ ଧକ୍କା ଖାଇଥିଲେ। ତଥାପି, ଭାଗ୍ୟକ୍ରମେ ସେ ଗୁରୁତର ଆହତ ହୋଇନଥିବା ସହ ଅଳ୍ପରେ ପ୍ରାଣରକ୍ଷା କରିଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ମଦ୍ୟପ ଡ୍ରାଇଭର ଚମ୍ପଟ ମାରୁଥିବା ସମୟରେ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଉପସ୍ଥିତ ଲୋକମାନଙ୍କୁ ବୁଝାସୁଝା କରି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

## ମଣ୍ଡଳ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ

ଗଣିଆ (ମହାଭାରତ): ଗଣିଆ ବ୍ଲକରେ ନୂତନ ଶିକ୍ଷା ବର୍ଷର ଶୁଭାରମ୍ଭ ଅବସରରେ ମଣ୍ଡଳ ସ୍ତରୀୟ 'ପ୍ରବେଶ ଉତ୍ସବ' ଓ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ପିଏମ ଶ୍ରୀ କିଶୋର ଚନ୍ଦ୍ର ବିଦ୍ୟାପୀଠ ମିଳିତ ଆନୁକୂଲ୍ୟରେ ଶନିବାର ଦିନ ଉତ୍ସାହର ସହ ପାଳିତ ହୋଇଥିଲା । ସରକାରୀବିଦ୍ୟାଳୟଗୁଡ଼ିକରେ ଶତପ୍ରତିଶତ ନାମଲେଖା ସୁନିଶ୍ଚିତ କରିବା ଏବଂ ଶିକ୍ଷା ପ୍ରତି କୋମଳମତି ଶିଶୁମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁଅତିଥି ମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ଚନ୍ଦନ ତିଳକ ଦେଇ ସ୍ୱାଗତ କରାଯାଇଥିଲା। ଏହାପରେ ପାରମ୍ପରିକ ରୀତିନୀତି ଅନୁଯାୟୀ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନି କୁନି ଶିଶୁମାନେ ପୂଜାର୍ଚ୍ଚନା କରି ଶିକ୍ଷାଦାନର ପ୍ରଥମ ପାହାଚ ଭାବେ ଖଡ଼ି ଧରି ଅକ୍ଷର ଲେଖିବା ଆରମ୍ଭ କରିଥିଲେ ।କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା ରବୀନ୍ଦ୍ର ବେହେରା, ନିରୁପମା ମହାପାତ୍ର,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ ଗଣିଆ ସମିତି ସଭ୍ୟ ଫକୀର ମୋହନ ଡାକୁଆ ଏବଂ ଶିକ୍ଷକ ନୀଳିମା ସୁନ୍ଦରୀ ମହାରଣା, ପ୍ରଫୁଲ ମିଶ୍ର, ମହେଶ୍ୱର ପ୍ରଧାନ, ଶୋଭନ ପଣ୍ଡା, ସସ୍ମିତା ମଣ୍ଡଳ, ସତ୍ୟଭାମା ସେନାପତି, ବିକାଶ ରଞ୍ଜନ ମଲ୍ଲ, ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇ ଶିଶୁ ବକ୍ଷଟିକା ଓ ପ୍ରାଥମିକ ସ୍ତରୀୟ ଶିଶୁ ମାନଙ୍କୁ ସହଯୋଗ କରି ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ବିଦ୍ୟାଳୟ ହେଉଛି ଜ୍ଞାନର ମନ୍ଦିର ଏବଂ ଏହି ପ୍ରବେଶ ଉତ୍ସବ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଗ୍ରାମ ପରିକ୍ରମା କରି ଏକ ସଚେତନତା ରାଲି ବାହାରିଥିଲା। ପାଠ ପଢିବେ ସବୁ ପିଲା, ଗଢିବେ ନୂଆ ଓଡ଼ିଶା ଭଳି ସ୍ଲୋଗାନ ଦେଇ ଶିକ୍ଷକ ଓ ଅଭିଭାବକମାନେ ଗ୍ରାମବାସୀଙ୍କୁ ନିଜ ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଅନୁରୋଧ କରିଥିଲେ ।ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ବେଶ୍ ସଫଳ ହୋଇଥିବାବେଳେ ସମସ୍ତ ନୂତନ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଓ ଶିକ୍ଷା ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ପକ୍କା ରାସ୍ତା ଓ ବିଦ୍ୟୁତ ନଥିବା ଗ୍ରାମ ତେନ୍ତୁଳିପଡ଼ା

ଝରିଗାଁ :ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିପଡା ଗ୍ରାମ ସ୍ଥାପନର ୪୫ ବର୍ଷ ପରେ ମଧ୍ୟ ବିଭିନ୍ନ ସମସ୍ୟା ରହିଛି। ଝରିଗାଁ ବ୍ଲକ ଠାରୁ ୭ କିଲୋମିଟର ଦୂରରେ ଥିବା ବେଳେ ପଞ୍ଚାୟତ ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ। ଉକ୍ତ ଗ୍ରାମରେ ପ୍ରାୟ ୧୫ ପରିବାର ରହୁଥିବା ବେଳେ ସମସ୍ତେ ପ୍ରାୟ ଚାଷ ଉପରେ ନିର୍ଭର କରୁଛନ୍ତ ।ପ୍ରଶାସନ ପକ୍ଷରୁ ରେଖାମାଲ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ଥିବା ବେଳେ ରେଖାମାଲ ଗ୍ରାମ ଠାରୁ ପ୍ରାୟ ୩ ଶହ ମିଟର ଦୂର ତେନ୍ତୁଳିପଡା ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇ ନାହିଁ। ଫଳରେ ଗ୍ରାମବାସୀଙ୍କୁ ବର୍ଷା ଦିନ ଗୁଡିକରେ ଯାତାୟତରେ ସମସ୍ୟା ହେଉଛି। ବର୍ଷା ଦିନ ରାସ୍ତାରେ କାଦୁଅ ଓ ଚିକିଟା ମାଟି ଯୋଗୁଁ ଆମ୍ବୁଲାନ୍ସ ଯାତାୟତ ହେଉ ନାହିଁ।



ତେଣୁ ଗ୍ରାମବାସୀଙ୍କୁ ଜରୁରୀ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଖଟିଆ ନବେ ଭାରରେ ବୋହି ରେଖାମାଲ ପର୍ଯ୍ୟନ୍ତ ନେବାକୁ ପଡ଼ିଥାଏୟ ସେହିଭଳି ରେଖାମାଲ ଗ୍ରାମରେ ପ୍ରଶାସନ ପକ୍ଷରୁ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ୩ ଶହ ମିଟର ଦୂରରେ ଥିବା ତେନ୍ତୁଳିପଡ଼ା ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ବିଦ୍ୟୁତ ସଂଯୋଗ ହୋଇ ନଥିବା ଯୋଗୁଁ ଗ୍ରାମର ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ସମସ୍ୟା ଦେଖା ଦେଇଛି। ଛାତ୍ରଛାତ୍ରୀମାନଙ୍କୁ ଡିବିରି ଆଲୁଅ ଭରସା। ବିଦ୍ୟୁତ ନଥିବା ଯୋଗୁଁ ଭାଲୁ ଓ ସରୀସୃପ ପ୍ରାଣୀଙ୍କ ଭୟରେ ସନ୍ଧ୍ୟା ହେଲେ ଗ୍ରାମରେ ଟାଟି କବାଟ ବନ୍ଦ ହୋଇଯାଏ। ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ମାତ୍ର ନଳକୂପ ଥିବା ବେଳେ ଖରା ଦିନ ଗୁଡିକରେ ନଳକୂପରୁ ଯଥେଷ୍ଟ ପାଣି ବାହାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ହାଣ୍ଡିଏ ପାଣି ପାଇଁ ଭୋର ସକାଳୁ ଉଠି ନଳକୂପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପାଇଁ ପଡୁଛି ।ନଳକୂପରେ ଭିଡ଼ ହେଲେ ୩ ଶହ ମିଟର ଦୂରରେ ଥିବା ଫେଗୁଡ଼ା ଛକ ନିକଟରେ ନଳକୂପ ଉପରେ ନିର୍ଭର କରୁଛନ୍ତି ।ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁୟ ୧ କିଲୋମିଟର ଦୂର କଟିଦୋରା ଅଙ୍ଗନବାଡ଼ି କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କଟିଦୋରା ଅଙ୍ଗନ ବାଡ଼ି କେନ୍ଦ୍ର ଯିବା ପାଇଁ ଚିକିଲି ନଦୀ ପାର ହୋଇ ଯିବା ପାଇଁ ପଡେୟ ତେଣୁ ଅଭିବାହକ ମାନେ ଛାଡିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା କହିଛନ୍ତି। ଗ୍ରାମରେ ବହୁ ଯୋଗ୍ୟ ହିତାଧିକାରୀ ରହିଥିବା ବେଳେ ସରକାରଙ୍କ ବିଭିନ୍ନ ଯୋଜନାରୁ ବାଦ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ସମସ୍ୟା ନେଇ ବହୁ ବାର ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କୌଣସି ସୁଫଳ ମିଳୁନାହି। ତେଣୁ ତୁରନ୍ତ ତେନ୍ତୁଳିପଡ଼ା ଗ୍ରାମର ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ଗ୍ରାମର ପ୍ରଫୁଲ୍ଲ ସାନ୍ତା, ପୁଲୁ ସାନ୍ତା, କୃଷ୍ଣ ସାନ୍ତା, ନାଥ ସାନ୍ତା, ଗଙ୍ଗା ସାନ୍ତା, ବଳରାମ ସାନ୍ତା, କୁଶ ସାନ୍ତା ଗୁରୁବାରୀ ସାନ୍ତା, ଦସାଇ ସାନ୍ତା, ନାୟକା ସାନ୍ତା, ସୁନ୍ଦରୀ ସାନ୍ତା, ବାଳମତି ସାନ୍ତା ପ୍ରମୁଖ ଦାବି କରିଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ଆମେରିକା ଯୁଦ୍ଧ ବିମାନକୁ ଖସାଇବା ପରେ ଇରାନର ଘୋଷଣା, ପାଇଲଟକୁ ଧରାଇଲେ ମିଳିବ ୫୫ ଲକ୍ଷ ଟଙ୍କା

ଇରାନ : ଆମେରିକାର ଏଫ୧୫ ଲଢୁଆ ବିମାନକୁ ଖସାଇଥିବା ଦାବି କରିଛି । ଏହ ଘଟଣା ପରେ ଆମେରିକା ପାଇଲଟ ଇରାନରେ ନିଖୋଜ ରହିଛନ୍ତି । ଇରାନ ସେନା ଏବଂ ଇସଲାମିକ ରିଭୋଲ୍ୟୁନାରୀ ଗାର୍ଡ କର୍ପର୍ସ ଏବେ ପାଇଲଟକୁ ଖୋଜୁଛି । ଆଉ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ କହିଛି କି, ଯଦି କୌଣସି ବ୍ୟକ୍ତି ଶତ୍ରୁର ସୈନିକକୁ ଧରାଇଦିଏ କିମ୍ବା ମାରିଦିଏ, ତେବେ ତାକୁ ପୁରସ୍କାର ମିଳିଛି । ଇରାନର ଏଭଳି ଘୋଷଣା ଆମେରିକାର ଚିନ୍ତା ବଢାଇଛି । ଯଦି ଆମେରିକା ପାଇଲଟକୁ ଧରାଯାଏ, ତେବେ ୫୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ । ଆମେରିକାର ଅଧିକାରୀଙ୍କ ଅନୁସାରେ , ଏଫ-୧୫ ବିମାନରେ ଦୁଇ ପାଇଲଟ ରହିଥିଲେ ।ଏମାନଙ୍କ ମଧ୍ୟରୁ ଜଣକୁ ରେସକ୍ୟୁ କରାଯାଇଛି । କିନ୍ତୁ ଅନ୍ୟ ଜଣେ ନିଖୋଜ ରହିଛନ୍ତି । ଏହାରି ଭିତରେ ଇରାନର ଏଭଳି ଘୋଷଣା ଆମେରିକାର ଚିନ୍ତା ବଢାଇଛି । ଇରାନ ଆହୁରି ମଧ୍ୟ ଦାବି କରିଛି କି, ଆମେରିକା ବିମାନ ଏ-୧୦ କୁ ଲକ୍ଷ୍ୟ କରିଥିଲା, ଯାହା କୁଏତରେ କ୍ରାସ୍ ହୋଇଥିଲା । ଏହାର ପାଇଲଟ୍ ସୁରକ୍ଷିତ ଭାବେ ବାହାରି ଯାଇଥିଲେ । ଆମେରିକା ଅଧିକାରୀଙ୍କ କହିବା ମୁତାବକ, ଶୁକ୍ରବାର ନିଖୋଜ ହୋଇଥିବା ପାଇଲଟଙ୍କୁ ଖୋଜିବା ପାଇଁ ଆମେରିକା ରେସକ୍ୟୁ ଅପରେସନ ଜାରି ରହିଛି । ହେଲିକପ୍ଟର ଏବଂ ଅନ୍ୟ ବିମାନ ପଠାଇଛି । କିନ୍ତୁ ଏହା ଉପରକୁ ଇରାନ ତରଫରୁ ଫାୟାରିଂ ହୋଇଥିଲା ।

## ଦାଦର ଏବଂ ନଗର ହବେଲୀରେ ଥିବା ଗୋଦାମରେ ବିସ୍ଫୋରଣ, ୪ ମୃତ, ୮ ଗୁରୁତର

ନୂଆଦିଲ୍ଲୀ : କେନ୍ଦ୍ର ଶାସିତ ଅଞ୍ଚଳ ଦାଦର ଏବଂ ନଗର ହବେଲୀରେ ଥିବା ଏକ ଗୋଦାମରେ ବିସ୍ଫୋରଣ । ଦେମାନି ରୋଡରେ ଅବସ୍ଥିତ ଏକ ଗୋଦାମରେ ନାଇଟ୍ରୋଜେନ ଏବଂ ଅକ୍ସିଜେନ ଗ୍ୟାସ ସିଲିଣ୍ଡର ଫାଟିବା ଯୋଗୁଁ ବିସ୍ଫୋରଣ ହୋଇଥିଲା । ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ଘଟରାଟି ସକାଳ ୯.୩୦ରେ ହୋଇଥିବା ଖବର ମିଳିଛି । ଆହତମାନଙ୍କୁ ନିକଟସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହା ଗୋଦାମର ଛାତ ଏବଂ କାନ୍ଥ ଉଡ଼ିଯାଇଥିଲା । ବିସ୍ଫୋରଣର ଶବ୍ଦ ୩୦ ମିଟର ଯାଏଁ ଶୁଣାଯାଇଥିଲା । ଏହା ଶୁଣି ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇଯାଇଥିଲେ । ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, ୧୦ ରୁ ୧୫ ମିନିଟ୍ ପର୍ଯ୍ୟନ୍ତ କିଛି ଦେଖାଯାଇନଥିଲା । ବିସ୍ଫୋରଣ ଯୋଗୁଁ ପାର୍କିଂ ହୋଇଥିବା ଗାଡ଼ିର ଝରକା ଭାଙ୍ଗି ଦେଇଥିଲା । ଘଟଣା ସ୍ଥଳରେ ଜିଲ୍ଲାପାଳ ପହଞ୍ଚି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଫରେନ୍ସିକ୍ ସାଇନ୍ସ ଲାବୋରେଟୋରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ତେବେ ଗ୍ୟାସ୍ ରିଫିଲିଂ ପ୍ରକ୍ରିୟା ସମୟରେ ସିଲିଣ୍ଡରଟି ଫାଟିଯାଇଥିବା ଅନୁମାନ କରାଯାଉଛି । ଘଟଣା ବିଷୟରେ ସୂଚନା ପାଇବା ମାତ୍ରେ, ପୋଲିସ ଏବଂ ଅଗ୍ନିଶମ ବିଭାଗର ଦଳ ଘଟଣାସ୍ଥଳକୁ ତୁରନ୍ତ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଘଟଣାର ସଠିକ୍ କାରଣ ଏଯାଏଁ ଜଣାପଡିନାହିଁ । ପ୍ରଶାସନ ମାମଲାର ଯାଞ୍ଚ ଆରମ୍ଭ କରିଛି ।

## ଇରାନ ସହ ପେମେଣ୍ଟ ସମସ୍ୟା ରିପୋର୍ଟକୁ ଖଣ୍ଡନ କଲା ମନ୍ତ୍ରାଳୟ

ନୂଆଦିଲ୍ଲୀ: ନୂଆଦିଲ୍ଲୀ ସହିତ ଅଶୋଧିତ ତେଲ ଆମଦାନିରେ କେ ?ଣସି ପେମେଣ୍ଟ୍ ସମସ୍ୟା ନାହିଁ। ଭାରତର ତୈଳ କମ୍ପାନିଗୁଡ଼ିକ ଇରାନ ସମେତ ବିଶ୍ୱର ବହୁ ଦେଶରୁ ଅଶୋଧିତ ତେଲ କ୍ରୟ କରୁଛନ୍ତି ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟ ଶନିବାର କହିଛି। ସାମାଜିକ ଗଣମାଧ୍ୟମ ଏକ୍ସରେ ମନ୍ତ୍ରାଳୟ କହିଛି ଯେ ଇରାନରୁ ଅଶୋଧିତ ତେଲ ଆଣି ଭାରତ ଆସୁଥିବା ଏକ ଜାହାଜ ସମୁଦ୍ରରେ ଚୀନ ଆଡ଼କୁ ଦିଗ ବଦଳାଇଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି। ପେମେଣ୍ଟ ସମସ୍ୟା ଯୋଗୁ ଏଭଳି ହୋଇଥିବା ନେଇ ଗଣମାଧ୍ୟମରେ ଯାହା ପ୍ରକାଶ ପାଇଛି ସେଥିରେ କୌଣସି ସତ୍ୟତା ନାହିଁ। ଭାରତ ୪୦ରୁ ଅଧିକ ଦେଶରୁ ଅଶୋଧିତ ତେଲ ଆମଦାନି କରୁଛି। ବାଣିଜ୍ୟିକ ଦୃଷ୍ଟିରୁ କମ୍ପାନିଗୁଡ଼ିକ ଯେକେ ?ଣସି ସ୍ଥାନରୁ ଏବଂ ଦେଶରୁ ତେଲ କିଣିବାର ସ୍ୱାଧୀନତା ପାଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ସେହି ଅଞ୍ଚଳରୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହା ସତ୍ତ୍ୱେ ଭାରତର ତୈଳ ବିଶୋଧନକାରୀ କମ୍ପାନିଗୁଡ଼ିକ ଇରାନ ସମେତ ଅନ୍ୟାନ୍ୟ ଦେଶରୁ ଅଶୋଧିତ ତେଲ କିଣୁଛନ୍ତି। ଇରାନରୁ ଅଶୋଧିତ ତେଲ ଆମଦାନି ନେଇ କୌଣସି ପେମେଣ୍ଟ ସମସ୍ୟା ନାହିଁ ବୋଲି କୁହାଯାଇଛି। ମନ୍ତ୍ରାଳୟ ପକ୍ଷରୁ ଏହା କୁହାଯାଇଛି ଯେ ଇରାନରୁ ଆସିଥିବା ସି ବାର୍ଡ ନାମକ ଏଲ୍‌ପିଜି ଜାହାଜ ମାଙ୍ଗାଲୋରରେ ଏପ୍ରିଲ ୨ ତାରିଖରେ ଲାଗିଛି। ସେଥିରୁ ବର୍ତ୍ତମାନ ଏଲ୍‌ପିଜି ଖଲାସ କରାଯାଉଛି। ଏହି ଜାହାଜରେ ପ୍ରାୟ ୪୪ ହଜାର ଟନ୍ ଏଲ୍‌ପିଜି ରହିଛି।

## ସମ୍ପର୍କରେ ଲାଗିଲା କଳଙ୍କ: ଜ୍ୱାଇଁଙ୍କ ସହ ଶାଶୁ ଫେରାର, ମୋବାଇଲ ଲୋକେସନ ଖୋଲିଦେଲା ସବୁ ଗୁମର

ରାଞ୍ଚି : ଝାଡ଼ଖଣ୍ଡର ଦୁମକା ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯାହା ଶାଶୁ-ଜ୍ୱାଇଁଙ୍କ ପରି ପବିତ୍ର ସମ୍ପର୍କରେ କଳଙ୍କ ଲଗାଇଛି। ସରିଆହାଟ ଥାନା ଅଞ୍ଚଳର ମଥାକେସୋ ଗ୍ରାମର ବାସିନ୍ଦା ସିକନ୍ଦର ମଣ୍ଡଳଙ୍କ ସ୍ତ୍ରୀ କୃପା କୁମାରୀ ତାଙ୍କ ଜ୍ୱାଇଁ ବିଜୟ କୁମାର ସାହାଙ୍କ ସହିତ ଘରୁ ଫେରାର ହୋଇଯାଇଥିଲେ। କୃପା କୁମାରୀ ମାର୍ଚ୍ଚ ୫ରେ ବୁଲିବାକୁ ଯିବା ବାହାନାରେ ଘରୁ ବାହାରିଥିଲେ, କିନ୍ତୁ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ କୌଣସି ସୁରାକ ନ ମିଳିବାରୁ ତାଙ୍କ ସ୍ୱାମୀ



ମାର୍ଚ୍ଚ ୧୦ରେ ସରିଆହାଟ ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କରୁଥିବା ଏଏସ୍‌ଆଇ ଜୟ ପ୍ରକାଶ ତିୱାରୀ ମୋବାଇଲ ଲୋକେସନ ଆଧାରରେ ତଦନ୍ତକୁ ଆଗକୁ ବଢ଼ାଇଥିଲେ। ଟେକ୍ନିକାଲ ତଦନ୍ତ ଦ୍ୱାରା ଫେରାର ଦମ୍ପତି ହରିୟାଣାର ଗୁରୁଗ୍ରାମରେ ଥିବା ଚିହ୍ନଟ କରାଯାଇଥିଲା। ପରବର୍ତ୍ତୀ ସମୟରେ ହରିୟାଣା ପୋଲିସ ସହାୟତାରେ ସେଠାରେ ଚଢାଉ କରାଯାଇଥିଲା। ଯେଉଁଠାରୁ ସେମାନଙ୍କୁ ଉଦ୍ଧାର କରାଯାଇ ଦୁମକାକୁ ଅଣାଯାଇଥିଲା। ଥାନା ଇନଚାର୍ଜ ରାଜେନ୍ଦ୍ର ଯାଦବ କହିଛନ୍ତି, ପଚରାଉଚରା ସମୟରେ ଜଣାପଡ଼ିଥିଲା ଯେ, ମହିଳା ତାଙ୍କ ଜ୍ୱାଇଁଙ୍କ ସହିତ ନିଜ ଇଚ୍ଛାରେ ଯାଇଥିଲେ। ବର୍ତ୍ତମାନ ପୋଲିସ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛି।

# ସରକାରଙ୍କ ସଂସଦର ସ୍ୱତନ୍ତ୍ର ଅଧିବେଶନକୁ କଂଗ୍ରେସର ସମାଲୋଚନା



ନୂଆଦିଲ୍ଲୀ: ଏପ୍ରିଲ ୧୬ ତାରିଖରୁ ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି ଏବଂ ଏହାକୁ ନିର୍ବାଚନ ଆଚରଣ ସଂହିତାର ଉଲ୍ଲଂଘନ ବୋଲି କହିଛି। କଂଗ୍ରେସ ଅଭିଯୋଗ କରିଛି ଯେ, ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ନିର୍ବାଚନ ପୂର୍ବରୁ ରାଜନୈତିକ ଫାଇଦା ହାସଲ କରିବା ପାଇଁ ସରକାର ଏହି ଅଧିବେଶନ ଡାକିଛନ୍ତି। ସୂଚନାଯୋଗ୍ୟ, ମହିଳା ସଂରକ୍ଷଣ ବିଲ୍ ଯଥାଶୀଘ୍ର ଲାଗୁ କରିବାକୁ ସରକାର ଲୋକସଭାରେ ଆସନ ସଂଖ୍ୟା ୫୪୩ ରୁ ୮୧୬ କୁ ବୃଦ୍ଧି କରିବାକୁ ଯାଉଛନ୍ତି। ଏହି ତିନିଦିନିଆ ଅଧିବେଶନରେ ନୂଆ ସଂଶୋଧନ ବିଲ୍ ମାଧ୍ୟମରେ ଆସନ ସଂଖ୍ୟା ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରହିଛି। ତେବେ କଂଗ୍ରେସ ସରକାରଙ୍କୁ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନେଇ ତୀବ୍ର ସମାଲୋଚନା କରିଛି। ତରବରିଆ ଭାବରେ ସୀମା ନିର୍ଦ୍ଧାରଣ ପାଇଁ ସରକାରଙ୍କ ପ୍ରୟାସ ବିପଜ୍ଜନକ ପରିଣାମ ଆଣିବ ବୋଲି କଂଗ୍ରେସର ଯୋଗାଯୋଗ ଦାୟିତ୍ୱରେ ଥିବା ସାଂସଦ ଜୟରାମ ରମେଶ କହିଛନ୍ତି। ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ନିର୍ବାଚନକୁ ପ୍ରଭାବିତ କରି ରାଜନୈତିକ ଲାଭ ହାସଲ କରିବା ଏହି ଅଧିବେଶନ ଡାକିବାର ଏକମାତ୍ର ଉଦ୍ଦେଶ୍ୟ ବୋଲି ରମେଶ କହିଛନ୍ତି। ଏହି ସ୍ୱତନ୍ତ୍ର ଅଧିବେଶନକୁ ୧୫ ଦିନ ପରେ ଡକାଯାଇପାରି ନଥାନ୍ତା କି ବୋଲି ସେ ପ୍ରଶ୍ନ କରିଛନ୍ତି। ରମେଶ କହିଛନ୍ତି, ବିରୋଧୀ ଦଳକୁ ଲେଖିଥିବା ଚିଠିରେ କେବଳ ମହିଳା ସଂରକ୍ଷଣ ଆଇନରେ ସଂଶୋଧନ କଥା ଉଲ୍ଲେଖ କରାଯାଇଛି। କିନ୍ତୁ ସୀମା ନିର୍ଦ୍ଧାରଣ ସମ୍ପର୍କରେ କୌଣସି ଆଧିକାରିକ ସୂଚନା କିମ୍ବା ପ୍ରସ୍ତାବ ଦିଆଯାଇ ନାହିଁ। ତାମିଲନାଡୁ ଓ ପଶ୍ଚିମବଙ୍ଗରେ ନିର୍ବାଚନ ପାଇଁ ପ୍ରଚାର ଚାଲିଥିବାବେଳେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାବେଳେ ସରକାର ଅଧିବେଶନ ଡାକିବାକୁ ଏକତରଫା ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସମ୍ବେଦନଶୀଳ ବିଷୟ। ସରକାର ଯଦି ସତର୍କତା ଅବଲମ୍ବନ କରିବେ ନାହିଁ ତାହା ହେଲେ ତାମିଲନାଡୁ ଓ କେରଳ ପରି ରାଜ୍ୟ ପ୍ରଭାବିତ ହେବେ। ଉତ୍ତର ପ୍ରଦେଶରେ ଆସନ ସଂଖ୍ୟା ୧୨୦କୁ ବଢ଼ିଯିବ , କିନ୍ତୁ ଦକ୍ଷିଣ, ଉତ୍ତର-ପୂର୍ବ ଓ ପଶ୍ଚିମ ଭାରତର ରାଜ୍ୟଗୁଡ଼ିକ ବଡ଼ଧରଣର କ୍ଷତି ସହିବେ। କେରଳରେ ଆସନ ସଂଖ୍ୟା ମାତ୍ର ୩୦ରେ ରହିଯିବ ବୋଲି ରମେଶ କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିବାକୁ ରଣନୀତି ପ୍ରସ୍ତୁତ ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅନ୍ୟ ବରିଷ୍ଠ କଂଗ୍ରେସ ନେତାଙ୍କ ସହିତ ଏପ୍ରିଲ ୧୬ ତାରିଖ ପୂର୍ବରୁ ବୈଠକ କରିବେ ବୋଲି ଜଣାପଡ଼ିଛି। ସୂଚନା ?ଯୋଗ୍ୟ, ତାମିଲନାଡୁରେ ଏପ୍ରିଲ ୨୩ ଓ ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଓ ୨୯ ତାରିଖରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

## ଆମେରିକା-ଇରାନ ଆଲୋଚନା ମଧ୍ୟସ୍ଥତା ପ୍ରୟାସରେ ବିଫଳତା ରିପୋର୍ଟକୁ ପାକିସ୍ତାନର ଅସ୍ୱୀକାର

ଆମେରିକା-ଇରାନ ଆଲୋଚନା ମଧ୍ୟସ୍ଥତା ପ୍ରୟାସରେ ବିଫଳତା ରିପୋର୍ଟକୁ ପାକିସ୍ତାନର ଅସ୍ୱୀକାର




ଇସଲାମାବାଦ: ପାକିସ୍ତାନ ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରିବାକୁ ନେଇ ଦେଇଥିବା ମଧ୍ୟସ୍ଥତା ପ୍ରସ୍ତାବ ବାଧାପ୍ରାପ୍ତ ହୋଇଛି। ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପାକିସ୍ତାନର ପ୍ରୟାସ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା କିଛି ବଛା ବଛା ସାମ୍ବାଦିକ ଗୋଷ୍ଠୀଙ୍କୁ ନେଇ ଏକ ବ୍ରିଫିଂ ପରେ ଏହି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ପାକିସ୍ତାନ ବିଦେଶ କାର୍ଯ୍ୟାଳୟର ପ୍ରବକ୍ତା ତାହିର୍ ଆନ୍ଦ୍ରାବି ଏହି ରିପୋର୍ଟକୁ ଭିତ୍ତିହୀନ ଓ ମନଗଢ଼ା ବୋଲି କହି ଅସ୍ୱୀକାର କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହା ଚିନ୍ତାର ବିଷୟ ଯେ ଶୁକ୍ରବାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ଅନୁଷ୍ଠିତ ବ୍ରିଫିଂକୁ ଭୁଲ ଭାବରେ ଉପସ୍ଥାପନ କରାଯାଇଥିଲା। ଆନ୍ଦ୍ରାବି କହିଛନ୍ତି, ଆଞ୍ଚଳିକ ସମ୍ବେଦନଶୀଳତାର ବୃଦ୍ଧି ସମୟରେ କୂଟନୀତି ବିଚକ୍ଷଣତା ଏବଂ ଦାୟିତ୍ୱ ଉଭୟ ଆବଶ୍ୟକ କରେ। ଆମେ ସମସ୍ତ ଗଣମାଧ୍ୟମ ପ୍ଲାଟଫର୍ମକୁ ସତର୍କ ରହିବା ତଥା ସଠିକ୍ ଏବଂ ସମୟୋଚିତ ସୂଚନା ପାଇଁ ସରକାରୀ ବିବୃତି ଏବଂ ଗଣମାଧ୍ୟମ ବ୍ରିଫିଂ ଉପରେ ନିର୍ଭର କରିବାକୁ ଅନୁରୋଧ କରୁଛୁ ବୋଲି କହିଛନ୍ତି। ଜଣେ ଅଧିକାରୀଙ୍କ ସୂତ୍ରରୁ 'ଡନ୍ ?'ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ୱାସିଂଟନ ଏବଂ ତେହେରାନ ମଧ୍ୟରେ ବାର୍ତ୍ତାରେ ଅଗ୍ରଗତି ହୋଇଛି, କିନ୍ତୁ ଇରାନରୁ ସ୍ପଷ୍ଟ ପ୍ରତିକ୍ରିୟାର ଅଭାବ ଗତିକୁ ମନ୍ଥର କରିଦେଇଛି। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ଇରାନର ନେ ?ସେନା, ବାୟୁସେନା ଓ ସ୍ଥଳସେନାକୁ ବଡ଼ଧରଣ କ୍ଷତି ପହଞ୍ଚି ଥିଲେ ମଧ୍ୟ ତେହେରାନ ବୁଝାମଣା ପାଇଁ ରାଜି ନଥିବା ଆଶ୍ଚର୍ଯ୍ୟଜନକ। ଅଧିକାରୀ ଜଣକ କହିଛନ୍ତି, ଉଭୟ ପାକିସ୍ତାନ ଓ ଚୀନ ଇରାନକୁ ଆମେରିକା ସହିତ କଥାବାର୍ତ୍ତା କରିବାକୁ କହୁଥିଲେ ମଧ୍ୟ ତେହେରାନ ଏଥିନେଇ ରାଜି ହୋଇନାହିଁ। ତେବେ ପାକିସ୍ତାନୀ ନେତା ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଓ ବିଦେଶ ମନ୍ତ୍ରୀ ଅବାସ ଅରାଘଚିଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ପାକିସ୍ତାନ ଆଞ୍ଚଳିକ ସୁରକ୍ଷା ତଥା ଏହାର ବାଧବାଧକତା ପାଇଁ ସାଉଦି ଆରବକୁ ଆକ୍ରମଣ ନେଇ ତୁରନ୍ତ ଏହାର ସମର୍ଥନ ଜଣାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ମଧ୍ୟସ୍ଥତା କରିବା ନେଇ ପ୍ରୟାସରେ ସଫଳ ହୋଇନାହିଁ। ସୂଚନାଯୋଗ୍ୟ, ଫେବ୍ରୁଆରି ୨୮ରେ ଇରାନ, ଇସ୍ରାଏଲ ଓ ଆମେରିକା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା।

## ଇରାନର ପାୱାର ପ୍ଲାଣ୍ଟ ଏବଂ ବୁଶେହର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ-ଆମେରିକାର ବଡ଼ ଆକ୍ରମଣ



ତେହେରାନ: ଗତ ୨୪ ଘଣ୍ଟା ମଧ୍ୟରେ ଇରାନ ସହିତ ଯୁଦ୍ଧରେ ଐତିହାସିକ କ୍ଷତି ସହିବା ପରେ, ଆମେରିକା ଏବଂ ଇସ୍ରାଏଲ ମିଳିତ ଭାବରେ ଇରାନର ପାୱାର ପ୍ଲାଣ୍ଟ ଓ ବୁଶେହର ପରମାଣୁ କେନ୍ଦ୍ର ଉପରେ ବଡ଼ ଧରଣର ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଜଣେ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଛି। ଏହା ଇରାନର ବୁଶେହର ପ୍ଲାଣ୍ଟ ଉପରେ ଇସ୍ରାଏଲ ଏବଂ ଆମେରିକାର ଚତୁର୍ଥ ବଡ଼ ଆକ୍ରମଣ। ଯାହା ପରମାଣୁ ପ୍ଲାଣ୍ଟର ପରିଧି ପ୍ରାଚୀର ନିକଟରେ କରାଯାଇଛି। ଇରାନର ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଆକ୍ରମଣ ସତ୍ତ୍ୱେ, ପ୍ଲାଣ୍ଟର କାର୍ଯ୍ୟ ପ୍ରଭାବିତ ନ ହୋଇ ଜାରି ରହିଛି।

ଇସ୍ରାଏଲ ଏବଂ ଆମେରିକା ପକ୍ଷରୁ ଇରାନର ଆକ୍ରମଣର ଜବାବ ଦିଆଯାଇଛି। ଇରାନ ଏମକ୍ୟୁ-୯ ଡ୍ରୋନ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ସହିତ ଅନେକ ଆମେରିକୀୟ ଲଢୁଆ ବିମାନ, ବିମାନ ବାହକ ଏବଂ ଆକ୍ରମଣ ହେଲିକପ୍ଟରକୁ ଖସାଇ ଦେଇଥିବା ଦାବି କରିଛି। ଇରାନର ଦାବି ଅନୁଯାୟୀ, ଆକ୍ରମଣରେ ଗତ ୨୪ ଘଣ୍ଟା ମଧ୍ୟରେ ଯୁଦ୍ଧରେ ଏପର୍ଯ୍ୟନ୍ତ ଆମେରିକାର ସବୁଠାରୁ ବଡ଼ କ୍ଷତି କରାଯାଇଛି। ଇରାନ ଆମେରିକୀୟ ଯୁଦ୍ଧ ବିମାନ ଉପରେ ଏହି ଆକ୍ରମଣ କରିଛି, ଯେତେବେଳେ ଟ୍ରମ୍ପ ଦୁଇ ଦିନ ପୂର୍ବରୁ ଦାବି କରିଥିଲେ ଯେ, ତେହେରାନର କ୍ଷେପଣାସ୍ତ୍ର ମାଡ଼ ତଥା ବାୟୁ ପ୍ରତିରକ୍ଷା କ୍ଷମତା ପ୍ରାୟ ଶେଷ ହୋଇଯାଇଛି।

## ଶଶି ଥରୁରଙ୍କ କନଭଏ ଉପରେ ଆକ୍ରମଣ

ଥିରୁଭାନନ୍ତପୁରମ,୪।୪: କଂଗ୍ରେସ ଏମପି ଶଶି ଥରୁରଙ୍କ ବନ୍ଧୁକଧାରୀ ଏବଂ ଡ୍ରାଇଭରଙ୍କ ଉପରେ ଆକ୍ରମଣ ସମ୍ପର୍କିତ ଏକ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା କେରଳର ୱାଣ୍ଡୁର ଅଞ୍ଚଳରେ ଘଟିଛି, ଯେଉଁଠାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି, ଯେତେବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜା ଚାଲିଛି। ପୋଲିସ ଅନୁଯାୟୀ, ଶୁକ୍ରବାର ସା ପ୍ରାୟ ସାଢ଼େ ୭ଟାରେ ଚେଲିଥୋଡ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ସେହି ସମୟରେ ଶଶି ଥରୁର ଏକ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଚେଲିଥୋଡ ସେତୁ ନିକଟରେ ରାସ୍ତାରେ ଟ୍ରାଫିକ ଜାମ ଭଳି ସମସ୍ୟା ସୃଷ୍ଟି ହୋଇଥିଲା। ଏହି ପରିସ୍ଥିତିରେ, ଦୁଇଟି ଗାଡ଼ିରେ ଯାତ୍ରା କରୁଥିବା ପାଞ୍ଚ ଜଣ ବ୍ୟକ୍ତି ଥରୁରଙ୍କ କାଫଲାକୁ ଅବରୋଧ କରିଥିଲେ। ଏଫଆଇଆର ଅନୁଯାୟୀ, ଯେତେବେଳେ ବନ୍ଧୁକଧାରୀ ରଥେଶ କେ.ପି. ରାସ୍ତା ସଫା କରିବା ପାଇଁ ଆଗରେ ଠିଆ ହୋଇଥିବା ଗାଡ଼ିକୁ ଆଗକୁ ଯିବାକୁ କହିଥିଲେ, ଅଭିଯୁକ୍ତ ବନ୍ଧୁକଧାରୀ ଏବଂ ଡ୍ରାଇଭର ଉଭୟଙ୍କୁ ଆକ୍ରମଣ କରିଥିଲେ।

## ବର୍ବରତା ସୀମା ଲଙ୍ଘିଲା: ତୃତୀୟ ଥର କନ୍ୟା ସନ୍ତାନ ଜନ୍ମ ହେବାର ଭୟରେ ପରିବାରକୁ ସୁଇମିଂ ପୁଲ୍ ?ରେ ବୁଡ଼ାଇ ମାରିଲେ ସ୍ୱାମୀ

ହାଇଦ୍ରାବାଦ: ତେଲେଙ୍ଗାନାର ହନମକୋଣ୍ଡାରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ତାଙ୍କ ଗର୍ଭବତୀ ପତ୍ନୀ ଏବଂ ଦୁଇ ଝିଅଙ୍କୁ ଏକ ସୁଇମିଂ ପୁଲ୍‌ରେ ବୁଡାଇ ମାରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ତୃତୀୟ ଥର କନ୍ୟା ସନ୍ତାନ ଜନ୍ମ ହେବାର ଭୟ। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଆଝାରୁଦ୍ଦିନ ପ୍ରେମ ବିବାହ କରିଥିଲେ। ତାଙ୍କ ସ୍ତ୍ରୀ ତୃତୀୟ ଥର ପୁଣି କନ୍ୟା ସନ୍ତାନ ଜନ୍ମ ଦେବାକୁ ଯାଉଥିବାରୁ ସେ ଦୁଃଖିତ ଥିଲେ। କୁହାଯାଉଛି ଯେ, ଆଝାରୁଦ୍ଦିନ ପୂର୍ବରୁ ତାଙ୍କ ପତ୍ନୀଙ୍କୁ ଗର୍ଭପାତ କରିବାକୁ କହିଥିଲେ, କିନ୍ତୁ ପତ୍ନୀ ଫରହତ୍ ଏହାକୁ ବିରୋଧ କରିଥିଲେ। ଏହି ଅପରାଧ ଘଟାଇବା ପାଇଁ ଅଭିଯୁକ୍ତ ଏକ ଚତୁର ଯୋଜନା ପ୍ରସ୍ତୁତ କରିଥିଲେ। ଯେତେବେଳେ ତାଙ୍କ ସ୍ତ୍ରୀ ଗର୍ଭପାତ କରିବାକୁ ମନା କରିଦେଲେ, ସେ ତାଙ୍କ ପରିବାରକୁ ଏକ ସୁଇମିଂ ପୁଲ୍‌କୁ ନେଇଯାଇ ସେମାନଙ୍କୁ ବୁଡ଼ାଇ ମାରିଦେଇଥିଲେ। ମୃତକମାନେ ହେଲେ ୨୬ ବର୍ଷୀୟ ଫରହତ୍। ତାଙ୍କ ଝିଅ, ଉମେରା ଓ ଆୟେଶା, ଯଥାକ୍ରମେ ୮ ଏବଂ ୬ ବର୍ଷ ବୟସର ବୋଲି ପୁଲିସ



କହିଛି।ପରିବାରର ୱାରାଙ୍ଗଲ-ଖମ୍ମାମ୍ ଜାତୀୟ ରାଜପଥ ନିକଟରେ ଏକ ସୁଇମିଂ ପୁଲ୍ ଥିଲା, ଯାହାକୁ ସେମାନେ ପରିଦର୍ଶକମାନଙ୍କୁ ଭଡାରେ ଦେଉଥିଲେ। ଏହା ପରିବାରର ଆୟର ମୁଖ୍ୟ ଉତ୍ସ ଥିଲା।ବୁଧବାର ରାତିରେ, ଫରହତ୍ ଏବଂ ତାଙ୍କ ଝିଅମାନେ ପରିବାରର ଅନ୍ୟ ସଦସ୍ୟଙ୍କ ସହିତ ପାଣି ପାଖକୁ ଯାଇଥିବା ଜଣାପଡ଼ିଛି। କିଛି ମିନିଟ୍ ପରେ, ସେମାନେ ପୋଖରୀରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ବାସିନ୍ଦା ଏବଂ ସମ୍ପର୍କୀୟମାନେ ସେମାନଙ୍କୁ ବାହାର କରିବାକୁ ଧାଇଁ ଆସିଥିଲେ ଏବଂ ୱାରାଙ୍ଗଲର ଏମ୍‌ଜିଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ, ଫରହତ୍‌ଙ୍କ ସ୍ୱାମୀ ଆଝାରୁଦ୍ଦିନ ତେଲେଙ୍ଗାନା ପୁଲିସକୁ କହିଥିଲେ ଯେ ଏହା ଏକ ଦୁର୍ଘଟଣା ଥିଲା। ତାଙ୍କ ସ୍ତ୍ରୀ ଏବଂ ଝିଅମାନେ ସୁଇମିଂ ପୁଲ୍‌ରେ ଖସି ବୁଡ଼ି ଯାଇଛନ୍ତି। କିନ୍ତୁ, ମାମଲାରେ ନୂଆ ମୋଡ଼ ସେତେବେଳେ ଆସିଲା ଯେତେବେଳେ ଫରହତ୍‌ଙ୍କ ବାପା ଅଲି ଏକ ଗୁରୁତର ଅଭିଯୋଗ ଆଣି ପୁଲିସ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ସେ କହିଥିଲେ, ଗତ କିଛି ଦିନ ଧରି ଦମ୍ପତିଙ୍କ ମଧ୍ୟରେ ଫରହତ୍‌ଙ୍କ ଗର୍ଭଧାରଣକୁ ନେଇ ଲଗାତାର ଝଗଡ଼ା ହେଉଥିଲା। ପରିବାର ସଦସ୍ୟମାନେ ଏହା ମଧ୍ୟ ଦାବି କରିଥିଲେ, ଆଝାରୁଦ୍ଦିନ ଆଉ ଏକ ଝିଅ ଚାହୁଁ ନଥିଲେ ଏବଂ ଗର୍ଭପାତ କରିବା ପାଇଁ ଫରହାତଙ୍କ ଉପରେ ଚାପ ପକାଉଥିଲେ। ଏହି ଅଭିଯୋଗ ପରେ, ପୁଲିସ ଏବେ ହତ୍ୟା ଦୃଷ୍ଟିକୋଣରୁ ମାମଲା ତଦନ୍ତ କରୁଛି ଏବଂ ତଦନ୍ତର ସମସ୍ତ ଦିଗରୁ ବିଚାର କରୁଛି।

ଘଟଣା ସମୟରେ ପୁଲିସ ଆଝାରୁଦ୍ଦିନଙ୍କ ଫୋନ୍ ଲୋକେସନ୍ ଟ୍ରାକ୍ କରିଥିଲା ଏବଂ ଜାଣିଥିଲା ଯେ, ଘଟଣା ପୂର୍ବରୁ ପୁଲ୍‌ରେ ଥିବା ସିସି ଟିଭି କ୍ୟାମେରାଗୁଡ଼ିକ ବନ୍ଦ କରିଦିଆଯାଇଥିଲା। ତଦନ୍ତକାରୀ ଅଧିକାରୀମାନେ ଆଝାରୁଦ୍ଦିନଙ୍କ ବୟାନରେ କିଛି ତାଳମେଳ ନଥିବା ଦେଖିଥିଲେ। ଅସଙ୍ଗତି ଏହା ସେମାନଙ୍କର ସନ୍ଦେହକୁ ଆହୁରି ଦୃଢ଼ କରିଥିଲା। ପୁଲିସ ଏହି ମାମଲାକୁ ଗମ୍ଭୀରତାର ସହ ନେଇ ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ସ୍ୱତନ୍ତ୍ର ଦଳ ଗଠନ କରିଛି।

# ଘରୋଇ ଗ୍ରାଉଣ୍ଡରେ ହାରିଲା ସିଏସ୍‌କେ

ଚେନ୍ନାଇ,୪।୪:: ଚେନ୍ନାଇ ସୁପର କିଙ୍ଗ୍ସକୁ ହରାଇ ଦ୍ୱିତୀୟ ବିଜୟ ହାସଲ କଲା ପଞ୍ଜାବ କିଙ୍ଗ୍ସ । ୨୧୦ ରନର ବିଜୟ ଲକ୍ଷ୍ୟକୁ ୫ ୱିକେଟରେ ଜିତି ନେଇଛି ଶ୍ରେୟସ ବାହିନୀ । ୮ ବଲ ବାକି ଥାଇ ବିଜୟ ଲକ୍ଷ୍ୟକୁ ସହଜରେ ପୂରଣ କରିଛି ପିବିକଲସ । ସିଏସକେ ଏହି ପରାଜୟ ସହ ଚଳିତ ସିଜିନର ଦ୍ୱିତୀୟ ପରାଜୟ । ଧୋନିଙ୍କ

## ପ୍ରିୟାଂଶଙ୍କ ମାଡ଼ରେ ଜିତିଲା ପଞ୍ଜାବ କିଙ୍ଗସ୍

ଅନୁପସ୍ଥିତି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ୨୧୦ ରନର ଲକ୍ଷ୍ୟ ରହିଥିଲେ ସୁଦ୍ଧା ପଞ୍ଜାବର ଦୁଇ ଓପନର ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ୍ ସିଂହ ପ୍ରଥମରୁ ଆକ୍ରମଣାତ୍ମକ ଢ଼ଙ୍ଗରେ ବ୍ୟାଟିଂ କରିଥିଲେ । ପ୍ରିୟାଂଶ ଆର୍ଯ୍ୟ ୧୧ ବଲରୁ ୩୯ ରନ କରିଛନ୍ତି । ଯେଉଁଥିରେ ୩ ଚେକା ସହ ୪ ଛକା ରହିଛି । ଏହାସହ ପ୍ରଭସିମରନ୍ ସିଂହ ୪୩ ରନର ପାଳି ଖେଳିଛନ୍ତି । ଏହାସହ ଅଧିନାୟକ ଶ୍ରେୟସ ଆୟାର ୨୯ ବଲରୁ ୫୦ ରନର ପାଳି ଖେଳିଛନ୍ତି । ସିଏସକେ ପକ୍ଷରୁ ହେନରି ଏବଂ କମ୍ବୁଲ ୨ ଲେଖାଏଁ ୱିକେଟ୍ ଅକ୍ତିଆର କରିବାରେ ସଫଳ ହୋଇଥିଲେ । । ପ୍ରାରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ବିଜୟ ପାଇଁ ପଥ ପ୍ରସ୍ତୁତ କରିଥିବା ପ୍ରିୟାଂଶ ଆର୍ଯ୍ୟ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।

ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ପଞ୍ଜାବ କିଙ୍ଗ୍ସ । ଚେନ୍ନାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦଳର ଓପନର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ମାତ୍ର ୭ ରନ କରିଥିବାବେଳେ ଅଧିନାୟକ ରତୁରାଜ ଗାଏକ୍ୱାଡ ଏବଂ ଆୟୁଷ ମାହାତ୍ରେଙ୍କ ଯୋଡ଼ି ଦଳର ସ୍କାରକୁ ଆଗକୁ ବଢ଼ାଇଥିଲେ । ଗାଏକ୍ୱାଡ ୨୮ ରନର କରିଥିଲେ ସୁଦ୍ଧା ଆୟୁଷ ମାହାତ୍ରେଙ୍କ ସାଥ ଦେଇଥିଲେ । ୫ ୱିକେଟ୍ ବିନିମୟରେ ପଞ୍ଜାବ ୨୦୯ ରନର କରିଥିଲା । ଦଳ ପକ୍ଷରୁ ଯୁବ



କ୍ରିକେଟର ଆୟୁଷ ମାହାତ୍ରେ ଖେଳିଲେ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ସେ ୪୩ ବଲରୁ ୭୩ ରନର ପାଳି ଖେଳିଥିଲେ । ସର୍ଫରାଜ ଖାନ ୧୨ ବଲରୁ ୩୨ ରନର ପାଳି ଖେଳିଛନ୍ତି । ଅନ୍ୟ ଖେଳାଳିଙ୍କ ମଧ୍ୟରେ ଶିଭମ ଦୁବେ ୪୫ ରନ୍ କରିଥିଲେ ।ତେବେ ସିଏସକେ ପକ୍ଷରୁ ବିନୟକୁମାର ବିଶାକ ୨ଟି ମୂଲ୍ୟବାନ ୱିକେଟ୍ ଅକ୍ତିଆର କରିଥିବାବେଳେ ଜାଭିୟର୍ ବାର୍ଟଲେଟ୍, ମାର୍କୋ ୟାନସନ ଏବଂ ଚ଼ହଲ ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସକ୍ଷମ ହୋଇଥିଲେ। ସିଏସେକେ ପକ୍ଷରୁ ଶିଭମ ଦୁବେ ଶେଷ ଓଭର ଗୁଡ଼ିକରେ ପଞ୍ଜାବ ବୋଲରଙ୍କୁ ଧୂଳେଇ କରିଥିଲେ ।

ଚେନ୍ନାଇ ବିପକ୍ଷରେ ଜବରଦସ୍ତ ବିଜୟ ସହ ଟି-ଟ୍ୱେଣ୍ଟିରେ ସର୍ବାଧିକ ୨୦୦ରୁ ଅଧିକ ରନ ପିଛା କରିବାର ରେକର୍ଡ ସ୍ଥାପନ କରିଛି ପଞ୍ଜାବ କିଙ୍ଗସ । ଚେନ୍ନାଇ ବିପକ୍ଷରେ ଚେପକରେ ଇତିହାସ ରଚ଼ିଛି ପଞ୍ଜାବ । ୨୦୦ରୁ ଅଧିକ ରନର ଟାର୍ଗେଟକୁ ପିଛା କରି ୫ ୱିକେଟରେ ବିଜୟୀ ହୋଇ ବଡ଼ ରେକର୍ଡ କରିଛି। ପ୍ରିୟାଂଶ ଆର୍ଯ୍ୟ ୧୧ ବଲରେ ୩୯ ରନର ବିସ୍ଫୋରକ ଇନିଂସ ଖେଳି ମ୍ୟାଚ୍‌ର ମୋଡ ବଦଳାଇ ଦେଇଥିଲେ । ଏହା ଆଇପିଏଲ ଇତିହାସରେ ଦ୍ୱିତୀୟ ଥର ଜଣେ ଖେଳାଳି କିମ୍ବା କ୍ଷେତ୍ରରକ୍ଷକ ୧୧ କିମ୍ବା ତାଠାରୁ କମ୍ ବଲର ସାମ୍ନା କରି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ୨୦୨୩ରେ ଗ୍ଲେନ୍ ଫିଲିପ୍ସ ଏହି ରେକର୍ଡ ସ୍ଥାପନ କରିଥିଲେ । ଏହା ସହିତ ପଞ୍ଜାବ କିଙ୍ଗସ ଟି-ଟ୍ୱେଣ୍ଟିରେ ୨୦୦ ପ୍ଲସ ରନର ସର୍ବାଧିକ ସଫଳ ପିଛା (୯ଥର) କରିଥିବା ଦଳ ହୋଇଛି । ଯାହା ଅଷ୍ଟ୍ରେଲିଆକୁ (୭ ଥର) ପଛରେ ପକାଇଛି ।

ସିଏସକେ ବିପକ୍ଷରେ ପଞ୍ଜାବ କିଙ୍ଗସ୍ ରେକର୍ଡ- ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ମାତ୍ର ୩.୨ ଓଭରରେ ୫୦ ରନ୍ ସଂଗ୍ରହ କରିଥିଲା । ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ୨୦ ବଲ୍‌ରେ ୫୦ ରନ୍ କରିବା ସହିତ, ପଞ୍ଜାବ କିଙ୍ଗ୍ସ ଆଇପିଏଲରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିବା ଦଳ ହୋଇଛି । ଏହା ବ୍ୟତୀତ, ସିଏସକେର ହୋମ୍ ଗ୍ରାଉଣ୍ଡ, ଚ଼ିପକ ଷ୍ଟାଡିୟମରେ ଏହା ଦ୍ରୁତତମ ଦଳ ଅର୍ଦ୍ଧଶତକ ପାଇଁ ମିଳିତ ରେକର୍ଡ କରିଛି । ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦୧୧ ମସିହାରେ ଦ୍ୱିତୀୟ କ୍ୱାଲିଫାୟରରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ସମାନ ସଂଖ୍ୟକ ବଲ୍‌ରେ ୫୦ ରନ୍ କରିଥିଲା ।ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର ଅଧିନାୟକତ୍ୱ ପାଳି ଖେଳିଥିଲେ । ସେ ୪ ଚୌକା, ୩ ଛକା ସହ ୫୦ ରନ କରିଥିଲେ । ସିଏସକେ ବିପକ୍ଷରେ ପୂର୍ବଥର ପଞ୍ଜାବ ୨୦୨୫ରେ ୨୬୨ ରନର ପିଛା କରିଥିଲା । ୨୦୨୩ରୁ ୨୦୨୬ ପର୍ଯ୍ୟନ୍ତ ସିଏସକେ ବିପକ୍ଷରେ ସେମାନଙ୍କର ଚ଼ତୁର୍ଥ ବିଜୟ । ସେପଟେ ଏହି ପରାଜୟ ଚେନ୍ନାଇ ପାଇଁ ଅନେକ ଦୃଷ୍ଟିରୁ ଚିନ୍ତାଜନକ । ଦଳ ୨୦୦ ପ୍ଲସ ସ୍କୋର କରିଥିଲା ତଥାପି ହାରିଗଲା ।

## ସ୍ଲୋ ଓଭର ରେଟ୍ ପାଇଁ ଦଣ୍ଡ ପାଇଲା ପଞ୍ଜାବ ଟିମ୍

ନୂଆଦିଲ୍ଲୀ,୦୪/୦୪; ଆଇପିଏଲ୍‌ରେ ପଞ୍ଜାବ କିଙ୍ଗସ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି । ଶୁକ୍ରବାର ଚ଼ିପକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସପ୍ତମ ଲିଗ୍ ମୁକାବିଲାରେ ଦଳ ୫



ୱିକେଟ୍‌ରେ ଘରୋଇ ଚେନ୍ନାଇକୁ ପରାସ୍ତ କରିଥିଲା । ଲଗାତାର ଦ୍ୱିତୀୟ ବିଜୟ ହାସଲ ପରେ ବି ପଞ୍ଜାବ କିଙ୍ଗ୍ସକୁ ଏକ ବଡ଼ ଝଟକା ଲାଗିଛି । ଦଳ ଚ଼ମତ୍କାର ପ୍ରଦର୍ଶନ କରି ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଥିବା ବେଳେ, ଏକ ସ୍ଲୋ ଓଭର-ରେଟ୍ ଅପରାଧ ଦଳକୁ ବହୁତ ମହଙ୍ଗା ପଡ଼ିଛି । ଅଧିନାୟକ ଶ୍ରେୟସ ଆୟରଙ୍କୁ ଭାରୀ ଦଣ୍ଡ ଦିଆଯାଇଛି । ଏହି ସିଜନରେ ପଞ୍ଜାବ କିଙ୍ଗ୍ସର ଦ୍ୱିତୀୟ ସ୍ଲୋ ଓଭର-ରେଟ୍ ମାମଲା । ଏହି କାରଣରୁ ଅଧିନାୟକ ଶ୍ରେୟସ ଆୟରଙ୍କୁ ଭାରୀ ଦଣ୍ଡ ଦିଆଯାଇଛି । ଇମ୍ପାକ୍ଟ ଖେଳାଳିଙ୍କ ସମେତ ସମଗ୍ର ପ୍ଲେଇଂ ଇଲେଭେନକୁ ସ୍ଲୋ ଓଭର ପାଇଁ ଦଣ୍ଡିତ କରାଯାଇଛି ।

# ମୁମ୍ବାଇରେ ହେବ ବିଶ୍ୱସ୍ତରୀୟ କ୍ରିକେଟ ଷ୍ଟାଡିୟମ

## ଅହମ୍ମଦାବାଦକୁ ଟକ୍କର ଦେବ

ନୂଆଦିଲ୍ଲୀ,୦୪/୦୪; ମୁମ୍ବାଇ କ୍ରିକେଟ୍ ଆସୋସିଏସନ ପକ୍ଷରୁ ଏକ ନୂଆ ଷ୍ଟାଡିୟମ୍ ନିର୍ମାଣ କରିବାକୁ ଯୋଜନା ଚ଼ାଲିଛି । ଅହମ୍ମଦାବାଦର ନରେନ୍ଦ୍ର ମୋଦି (ପୂର୍ବରୁ ମୋଟେରା) ଷ୍ଟାଡିୟମ୍ ଭଳି ଏହି ନୂଆ ଷ୍ଟାଡିୟମ୍‌ରେ ଦର୍ଶକ ଧାରଣ କ୍ଷମତା ୧ଲକ୍ଷରୁ ଊର୍ଦ୍ଧ୍ୱ ରଖିବାକୁ ପ୍ରସ୍ତାବ ରହିଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ମଧ୍ୟ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍‌ର ପ୍ରସ୍ତାବକୁ ଗ୍ରହଣ କରିଛନ୍ତି ।



୨୦୨୪ରେ ମୁମ୍ବାଇ କ୍ରିକେଟ୍ ଆସୋସିଏସନ ପକ୍ଷରୁ ୧୦୦ ଏକର ଜମି ପ୍ରଦାନ କରିବାକୁ ମହାରାଷ୍ଟ୍ର ରାଜ୍ୟ ଓ ଆଞ୍ଚଳିକ ଉନ୍ନୟନ କର୍ପୋରେସନଙ୍କ ନିକଟରେ ନିବେଦନ କରାଯାଇଥିଲା । ଦକ୍ଷିଣ ମୁମ୍ବାଇରୁ ୬୦ କିଲୋ ମିଟର ଦୂର ଥାନେ ନିକଟସ୍ଥ ଅଞ୍ଚଳରେ ୧୦୦ ଏକ ଜମି ଚିହ୍ନଟ କରାଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ ମୁମ୍ବାଇ କ୍ରିକେଟ୍ ଆସୋସିଏସନକୁ ଜମି ପ୍ରଦାନ କରାଯାଇ ନାହିଁ । ଗତ ବର୍ଷ ୱାଙ୍ଖେଡ ଷ୍ଟାଡିୟମ୍‌ରେ ରୋହିତ ଶର୍ମାଙ୍କ ନାମରେ ଷ୍ଟାଣ୍ଡ ଉଦ୍ଘାଟନ ସମୟରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ନୂଆ ଷ୍ଟାଡିୟମ୍ ପାଇଁ ଉତ୍ସୁକ ଥିବା ପ୍ରକାଶ କରିଥିଲେ । ନିକଟରେ ଆସୋସିଏସନ୍ ସଭାପତି ଅଜିଙ୍କ୍ୟ ନାଏକ ଓ ସିଡକୋ ପରିଚ଼ାଳନା ନିର୍ଦ୍ଦେଶକ ବିଜୟ ସଙ୍ଘଲଙ୍କ ମଧ୍ୟରେ ନୂଆ ଷ୍ଟାଡିୟମ୍କୁ ନେଇ ବିସ୍ତୃତ ଆଲୋଚ଼ନା ହୋଇଛି ।

ସୂଚ଼ନାଯୋଗ୍ୟ, ମୁମ୍ବାଇରେ ବ୍ରାବୋର୍ଣ୍ଣ, ୱାଙ୍ଖେଡ ଓ ଡି ୱାଇ ପାଟିଲ ଭଳି କ୍ରିକେଟ ଷ୍ଟାଡିୟମ ରହିଛି । ୱାଙ୍ଖେଡ ଷ୍ଟାଡିୟମ୍ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ଓ ଡି ୱାଇ ପାଟିଲ ଷ୍ଟାଡିୟମ୍ ମହିଳା ଅନ୍ତର୍ଜାତୀୟ କ୍ରିକେଟ୍ ଆୟୋଜନ କରୁଛି । ୱାଙ୍ଖେଡର ଦର୍ଶକ ଧାରଣ କ୍ଷମତା ମାତ୍ର ୩୧,୦୦୦ ରହିଛି ।

## ରାସି ବେନ ଡର୍ ଡୁସେନଙ୍କ ଅବସର

ନୂଆଦିଲ୍ଲୀ,୪।୪: ଆପିଏଲ୍ ୨୦୨୬ ମଧ୍ୟରେ ଦକ୍ଷିଣ ଆଫ୍ରିକାର ତାରକା ବ୍ୟାଟସମ୍ୟାନ ରାସି ବେନ ଡର୍ ଡୁସେନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ସୋସିଆଲ ମିଡିଆରେ ଏକ ଭାବପ୍ରବଣ ପୋଷ୍ଟରେ ସେ ଘୋଷଣା କରିଛନ୍ତି ଯେ ସେ ଆଉ ଦକ୍ଷିଣ ଆଫ୍ରିକା ଜର୍ସି ପିନ୍ଧି ଖେଳିବେ ନାହିଁ । ଡାହାଣହାତୀ ଟପ-ଅର୍ଡର ବ୍ୟାଟସମ୍ୟାନ ରାସି ବେନ ଡର୍ ଗତ କିଛି ମାସ ଧରି ଦକ୍ଷିଣ ଆଫ୍ରିକା ଦଳରୁ ବାହାରେ ଥିଲେ । ନିକଟରେ ଦକ୍ଷିଣ ଆଫ୍ରିକା କ୍ରିକେଟର କେନ୍ଦ୍ରୀୟ ଚୁକ୍ତିନାମାରୁ ତାଙ୍କ ନାମ ଗାଏବ ହୋଇଯାଇଥିଲା । ଏବେ, ସେ ଇନଷ୍ଟାଗ୍ରାମରେ ଏକ ଲମ୍ବା ବାର୍ତ୍ତାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ସେ ଲେଖିଛନ୍ତି, "ଗର୍ବ ଏବଂ କୃତଜ୍ଞତାର ସହିତ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ମୋର ଅବସର ଘୋଷଣା କରୁଛି । ପ୍ରୋଟିୟାସ ଜର୍ସି ପିନ୍ଧିବା ଆପଣଙ୍କ କ୍ଷମତା ଏବଂ ସମର୍ପଣର ପରୀକ୍ଷା କରେ, ଏବଂ ଏହା ଆପଣଙ୍କୁ ପୁରସ୍କୃତ ମଧ୍ୟ କରେ । ମୋ ଦେଶ ପାଇଁ ଖେଳିବା ମୋ ଜୀବନର ସର୍ବୋତ୍ତମ ସମ୍ମାନ ।

# ଖେଲୋ ଇଣ୍ଡିଆ ପ୍ରଥମ ଜନଜାତି କ୍ରୀଡାରେ ଓଡିଶା ରନର୍ସଅପ୍

ଭୁବନେଶ୍ୱର,୦୪/୦୪; ରାୟପୁରରେ ଆୟୋଜିତ ଖେଲୋ ଇଣ୍ଡିଆ ପ୍ରଥମ ଜନଜାତି କ୍ରୀଡାରେ ଓଡିଶା ଚ଼ମତ୍କାର ପ୍ରଦର୍ଶନ କରି ଦଳଗତ ରନର୍ସଅପ୍ ହୋଇଛି । ୨୧ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୨୧ଟି ବ୍ରୋଞ୍ଜ ପଦକ ସହ ଦଳ ମୋଟ୍ ୫୭ଟି ପଦକ ଜିତିଛି । ଚାମ୍ପିଅନ କର୍ଣ୍ଣାଟକ ୨୩ଟି ସ୍ୱର୍ଣ୍ଣ ଜିତି ପ୍ରଥମ ସ୍ଥାନ ହାସଲ କରିଛି । କିନ୍ତୁ ମୋଟ୍ ପଦକ ହାସଲରେ ଓଡିଶା ଆଗୁଆ ରହିଛି । ଆୟୋଜକ ଛତିଶଗଡ଼ ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛି ।

କର୍ଣ୍ଣାଟକ ମୋଟ୍ ୩୮ଟି (୨୩ ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୭ଟି ବ୍ରୋଞ୍ଜ) ଏବଂ ଓଡିଶା ୫୭ଟି ପଦକ ପାଇଛି । ରାୟପୁରରେ ଗତ ମାସ ୨୫ରୁ କ୍ରୀଡା ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଥିଲା । ଅନ୍ତିମ ଦିବସରେ ଆଜି ତୀରନ୍ଦାଜୀ ଓ ଫୁଟବଲ ପ୍ରତିଯୋଗିତା ରହିଥିଲା । ପୁରୁଷ ରିକର୍ଭ ବ୍ୟକ୍ତିଗତ ବର୍ଗରେ ଓଡିଶାର ଅର୍ଜୁନ ଖାରା ସ୍ୱର୍ଣ୍ଣ, ସୋମନାଥ ହେମ୍ବ୍ରମ ରୌପ୍ୟ ଓ



ମଧ୍ୟପ୍ରଦେଶର ପବନ ପରମାର ବ୍ରୋଞ୍ଜ ଜିତିଥିଲେ । ରିକର୍ଭ ଦଳଗତରେ ଝାଡଖଣ୍ଡ ସ୍ୱର୍ଣ୍ଣ, ଓଡିଶା ରୌପ୍ୟ ଏବଂ ମେଘାଳୟ ବ୍ରୋଞ୍ଜ ପଦକ ପାଇଥିଲା ।

ସନ୍ତରଣ, ଭାରୋତ୍ତୋଳନ, ଆଥଲେଟିକ୍ସ, କୁସ୍ତି, ହକି ଓ ତୀରନ୍ଦାଜୀରେ ଓଡିଶାକୁ ପଦକ ମିଳିଛି । ଆଥଲେଟିକ୍ସରେ ସର୍ବାଧିକ ୨୪ ପଦକ ଓ ସନ୍ତରଣରେ ୧୬ଟି ପଦକ ମିଳିଛି । ଅବଶିଷ୍ଟ ଭାରୋତ୍ତୋଳନରେ ୭, କୁସ୍ତିରେ ୧, ହକିରେ ୨ ଓ ତୀରନ୍ଦାଜୀରେ ୭ଟି ପଦକ ପ୍ରାପ୍ତ ହୋଇଛି । ଚାମ୍ପିଅନ କର୍ଣ୍ଣାଟକ ଓ ରନର୍ସଅପ୍ ଓଡିଶା ଦଳକୁ ଛାଡି ଛାଡଖଣ୍ଡ (୧୬ ସ୍ୱର୍ଣ୍ଣ) ତୃତୀୟ, ମହାରାଷ୍ଟ୍ର (୬ ସ୍ୱର୍ଣ୍ଣ) ଚ଼ତୁର୍ଥ, ଅରୁଣାଚ଼ଳ ପ୍ରଦେଶ (୬ ସ୍ୱର୍ଣ୍ଣ) ପଞ୍ଚମ, ଆସାମ (୫ ସ୍ୱର୍ଣ୍ଣ) ଷଷ୍ଠ, ମିଜୋରାମ (୪ ସ୍ୱର୍ଣ୍ଣ) ସପ୍ତମ, ହିମାଚ଼ଳ ପ୍ରଦେଶ (୪ ସ୍ୱର୍ଣ୍ଣ) ଅଷ୍ଟମ, ଛତିଶଗଡ (୩ ସ୍ୱର୍ଣ୍ଣ) ନବମ ଓ ଗୁଜରାଟ (୩ ସ୍ୱର୍ଣ୍ଣ) ପଦକ ତାଲିକାରେ ଦଶମ ସ୍ଥାନରେ ରହିଛି ।

# ବିଶ୍ୱ ପାରା ତୀରନ୍ଦାଜି ସିରିଜ୍: ପାୟଲ-ଶୀତଲଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୪।୪: ଓଡିଆ ଝିଅ ପାୟଲ ନାଗ ବିଶ୍ୱ ପାରା ତୀରନ୍ଦାଜି ସିରିଜ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗର୍ବ ଓ ଗେରବ ଆଣିଛନ୍ତି । ସେ ଓ ତାଙ୍କ ସାଥୀ କାଶ୍ମୀରର ଶୀତଲ ଦେବୀ ମହିଳା କମ୍ପାଉଣ୍ଡ ଯୁଗଳରେ ଏହି ପଦକ ଜିତି ନେଇଛନ୍ତି । ବିଶ୍ୱ ବିଜୟିନୀ ଶୀତଲଙ୍କ ବାହୁ ନଥିଲା ବେଳେ ପାୟଲ ଅଙ୍ଗବିହୀନ ତୀରନ୍ଦାଜ । ଏହି ଭାରତୀୟ ଯୋଡି ଶୁକ୍ରବାର ଫାଇନାଲ୍‌ରେ କାଜାଖସ୍ତାନ ଯୋଡିଙ୍କୁ ୧୫୦-୧୪୭ରେ ପରାସ୍ତ କରିଥିଲେ । ଉଭୟଙ୍କ ମଧ୍ୟରେ ଚ଼ମତ୍କାର ସମନ୍ୱୟ ଓ ବୁଝାମଣା ଯୋଗୁଁ ଏହି ସ୍ୱର୍ଣ୍ଣିମ ସଫଳତା ମିଳିଛି ।ଶନିବାର ଶୀତଲ ଓ ପାୟଲ ବ୍ୟକ୍ତଗତ ବର୍ଗର ଫାଇନାଲ୍ ଖେଳିବେ । ଏହି ସଫଳତା ଲାଗି ପାରା ସ୍ପର୍ଟ୍ସ ଆସୋସିଏସନ୍ ଅଫ୍ ଓଡିଶା ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ପ୍ରତିଯୋଗିତା ଲାଗି ଶୁଭେଚ୍ଛା ଜଣାଇଛନ୍ତି । ୱାର୍ଲ୍ଡ ଆର୍ଚେରି ପାରା ସିରିଜ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ପାୟଲ ନାଗ ଓ ଶୀତଲ ଦେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଓଡିଶାର ପାୟଲ ନାଗ ଓ ପ୍ରଖ୍ୟାତ ଆର୍ଚେରୀ ଶୀତଲ ଦେବୀଙ୍କୁ ୱାର୍ଲ୍ଡ ଆର୍ଚେରି ପାରା ସିଜିଜ୍‌ରେ କମ୍ପାଉଣ୍ଡ ମହିଳା ଡବଲ୍ସ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଅଭିନନ୍ଦନ । ସେମାନେ ଏଭଳି ଭାବେ ସଫଳତାର ନୂଆ ଶିଖରକୁ ଛୁଇଁ ଚାଲନ୍ତୁ ଓ ଦେଶର ଗର୍ବ ବଢ଼ାନ୍ତୁ — ଏହି ଆଶା । ତାଙ୍କ ଭବିଷ୍ୟତ ପାଇଁ ଅନେକ ଶୁଭେଚ୍ଛା ଜଣାଇଛନ୍ତି ନବୀନ ।

# କେକେଆର ପାଇଁ ଫିଟ୍ ନୁହଁନ୍ତି ଗ୍ରୀନ୍ : ହରଭଜନ

ନୂଆଦିଲ୍ଲୀ,୪।୪: : ଚ଼ାଲିଛି ଆଇପିଏଲ ୨୦୨୬ । ବେଶ ରୋମାଞ୍ଚକର ହେଉଛି ମୁକାବିଲା । ଚ଼ଳିତ ସିଜିନରେ ମିନି ଅକ୍ସନ ସମୟରେ ସବୁଠାରୁ ମହଙ୍ଗା ଖେଳାଳିଭାବେ କିଣା ହୋଇଥିଲେ କେମରୁନ୍ ଗ୍ରୀନ୍ । ରସେଲଙ୍କ ସ୍ଥାନରେ ଦଳ ଜଣେ ଦକ୍ଷ ଅଲରାଉଣ୍ଡ ଭାବେ ତାଙ୍କୁ ଟିମରେ ସାମିଲ୍ କରିଥିଲା । ମାତ୍ର ଗ୍ରୀନ୍ ପ୍ରଥମ ଦୁଇ ମ୍ୟାଚ୍‌ରେ ସେମିତି ବଡ଼ ପାଳି ଖେଳିବାରେ ସକ୍ଷମ ହୋଇନାହାନ୍ତି । ଯାହାକୁ ନେଇ ଏକ ୟୁଟ୍ୟୁବ ଚ୍ୟାନେଲ ହରଭଜନ ଏ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିବା ଦେଖିବାକୁ ମିଳିଛି ।



ଭଜି କହିଛନ୍ତି କି, ଗ୍ରୀନ ଏବେ କେକେଆରର ପ୍ଲେଇଂ ଇଲେଭେନରେ ନିଜକୁ ଫିଟ୍ କରିପାରିନାହାନ୍ତି । ସେ ବୋଲିଂ କରୁନଥିବାବେଳେ ଏବେ ସେ ଦଳରେ ଫିଟ୍ ନୁହଁନ୍ତି । ଯେଉଁ କାରଣରୁ ସେ ଟିମର ଆଶାକୁ ପୂରଣ କରିପାରୁନାହାନ୍ତି । ଏହାସହ ବ୍ୟାଟିଂରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ମାତ୍ର ୧୮ ରନ୍ କରିଥିବାବେଳେ ହାଇଦ୍ରାବାଦ ବିପକ୍ଷରେ ୨୨୭ ରନର ବିଶାଳ ଲକ୍ଷ୍ୟ ରହିଥିବାବେଳେ ଭୁଲ୍ ନିଷ୍ପତ୍ତି ପାଇଁ ମାତ୍ର ୨ ରନ କରି ରନ୍ ଆଉଟ୍ ହୋଇଥିଲେ । ସେ ଦଳରେ ବୋଲିଂ କରୁନଥିବାବେଳେ କେବଳ ବ୍ୟାଟିଂ କରୁଛନ୍ତି । ଏଣୁ କେକେଆର ପାଖରେ ଭଲ ବ୍ୟାଟିଂ ବିକଳ୍ପ ରହିଛି ।

ଏହାସହ ହରଭଜନ କେକେଆରକୁ ଏକ ଉପଦେଶ ଦେଇଛନ୍ତି । ସେ କହିଛନ୍ତି କି, ଗ୍ରୀନଙ୍କ ସ୍ଥାନରେ ସେଫର୍ଟଙ୍କୁ ସୁଯୋଗ ଦିଆଯାଉ । ସେ ଭଲ ପାଳି ଆରମ୍ଭ କରିବେ । ଏହାସହ ପାଓ୍ୱେଲ ମଧ୍ୟ ଦଳ ପାଇଁ ବିଦେଶୀ ଖେଳାଳିଭାବେ ଜଣେ ଭଲ ବିକଳ୍ପ ହୋଇପାରିବେ । କେକେଆର ନିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜୟ ହେବା ପରେ ଏବେ ଚ଼ାପରେ ରହିଛି । ଏଣୁ ଆଗକୁ ଦଳରେ ପରିବର୍ତ୍ତନ କରିବା ସହ ଆଗକୁ ବଢ଼ିବାକୁ ହେଲେ ମ୍ୟାଚ୍ ଜିତିବାକୁ ପଡ଼ିବ । ଦଳର ଦୁଇ ମ୍ୟାଚ୍‌ରୁ ଦୁଇ ପରାଜୟ ହୋଇଥିବାବେଳେ ଏବେ ଚ଼ାପରେ ରହିଛି ।

# ବଢ଼ିପାରେ ଆଇପିଏଲ କଳେବର

## ଏଣିକି ୭୪ ନୁହେଁ ହେବ ୯୪ ମ୍ୟାଚ୍, ୧୨ ଟିମ୍ ଖେଳିବେ

ନୂଆଦିଲ୍ଲୀ,୦୪/୦୪; ଆଇପିଏଲରେ ଏବେ ୧୦ଟି ଦଳ ସିଜନରେ ମୋଟ୍ ୭୪ଟି ମ୍ୟାଚ୍ ଖେଳୁଛନ୍ତି । ମ୍ୟାଚ୍ ସଂଖ୍ୟା କମ୍ ଥିବାରୁ ପ୍ରତ୍ୟେକ ଦଳ ପରସ୍ପରକୁ ୨ ଥର ଲେଖାଏଁ ଭେଟି ପାରୁ ନାହାନ୍ତି । କିନ୍ତୁ ଆଗକୁ ଲିଗର କଳେବର ବୃଦ୍ଧି କରିବା ନେଇ ବିସିସିଆଇ ଯୋଜନା କରୁଛି । ଏ କଥା କହିଛନ୍ତି ଆଇପିଏଲ ଅଧ୍ୟକ୍ଷ ଅରୁଣ ସିଂ ଧୂମାଲ ।

ସେ କହିଛନ୍ତି, '୨୦୨୭ ସଂସ୍କରଣ ପରେ ଯଦି ଆମକୁ ସୁଯୋଗ ମିଳିଲା ତେବେ ଆଇପିଏଲରେ କଳେବର ବିବ । ସିଜନରେ ମ୍ୟାଚ୍ ସଂଖ୍ୟା ୭୪ରୁ ୯୪ କରାଯିବ । ଦୁଇଟି ନୂଆ ଦଳ (ଗୁଜରାଟ ଟାଇଟନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ) ସାମିଲ ହେବା ପରେ ପ୍ରତ୍ୟେକ ଦଳ ପରସ୍ପରକୁ ୨ ଥର ଭେଟିବାର ସୁଯୋଗ ପାଉ ନାହାନ୍ତି । କିନ୍ତୁ ୨୦୨୭ ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ସିରିଜର ସୂଚ଼ୀ ଚୂଡାନ୍ତ ହୋଇ ସାରିଥିବାରୁ ଏବେ ଆମ ହାତରେ କିଛି ନାହିଁ । ଏହି



ଚ଼କ୍ର ଶେଷ ହେବା ପରେ ହିଁ ଆମେ ଆଇସିସି ସହ ଆଲୋଚ଼ନା କରିବୁ । କିନ୍ତୁ ପ୍ରତ୍ୟେକ ଦେଶ ନିଜ ନିଜ ଦେଶରେ ଘରୋଇ ଲିଗ ଆୟୋଜନ ଉପରେ ଗୁରୁତ୍ୱ ଦେଉଛନ୍ତି । କାରଣ ଏହା ବୋର୍ଡର ଆର୍ଥିକ ସ୍ଥିତିକୁ ଦୃ କରିବାରେ ସହାୟକ ହେଉଛି । ତେବେ ଆଇପିଏଲ କେବଳ ଭାରତୀୟ ଖେଳାଳିଙ୍କ ଭାଲ୍ୟୁ ବୃଦ୍ଧିରେ ସହାୟକ ହେଉନି ବରଂ ବିଶ୍ୱ କ୍ରିକେଟର ଭାଲ୍ୟୁ ବାଢ଼ିଛି । ଯଦି ଆମକୁ ସୁଯୋଗ ମିଳିଲା ତେବେ ଆମେ ଆଇପିଏଲର କଳେବର ବାଢ଼ିବୁ । ଆଇପିଏଲ ଟିମ୍ ୧୦ରୁ ୧୨କୁ ବଢାଇବାର ପ୍ଲାନ୍ ବର୍ତ୍ତମାନ ପାଇଁ ସ୍ଥଗିତ ଅଛି ।'

୨୦୦୮ରେ ୮ଟି ଦଳକୁ ନେଇ ଆଇପିଏଲ ଆରମ୍ଭ ହୋଇଥିଲା । ପରେ ୨ଟି ନୂଆ ଟିମ୍ ସାମିଲ କରାଯାଇଥିଲା । କିନ୍ତୁ କିଛି ସମୟ ପରେ ସେମାନେ ବି ଓହରିଗଲେ । ୨୦୨୨ରେ ଆଉ ଦୁଇଟି ଦଳ ଯୋଡା ହୋଇ ୧୦ଟି ଦଳକୁ ବିସ୍ତାର କରାଯାଇଥିଲା । ଏହା ସତ୍ତ୍ୱେ ମୋଟ୍ ମ୍ୟାଚ୍ ସଂଖ୍ୟା ୭୪ ରହିଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଶେଷ ଥର ମିଡିଆ ଅଧିକାର ବିକ୍ରି କରିଥିଲା । ପ୍ରଥମ ଦୁଇ ବର୍ଷରେ ୭୪ଟି ମ୍ୟାଚ୍ ପାଇଁ ଯୋଜନା ହୋଇଥିଲା । ଏହାକୁ ୯୪କୁ ବୃଦ୍ଧି କରାଯାଇଥିଲା । ଏହି ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଏହା ପ୍ରାୟ ନିଶ୍ଚିନ୍ତ ୨୦୨୭ ସିଜିନରେ ବି ସମାନ ରହିବ ।

# ଗାଙ୍ଗୁଲିଙ୍କ ଉପରେ ହେବ ଫିଲ୍ମ

ନୂଆଦିଲ୍ଲୀ,୪।୪: ଭାରତୀୟ କ୍ରିକେଟ ଇତିହାସରେ ସୌରଭ ଗାଙ୍ଗୁଲି କେବଳ ଜଣେ ଖେଳାଳି କିମ୍ବା ଅଧିନାୟକ ନୁହନ୍ତି, ବରଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଭାରତୀୟ ଦଳକୁ ଆଖିରେ ଆଖି ମିଶାଇ ଲଢ଼ିବା ଶିଖାଇଥିଲେ । ସେହି 'ବେଙ୍ଗଲ ଟାଇଗର'ଙ୍କ ସଂଘର୍ଷ, ସଫଳତା ଏବଂ ତାଙ୍କ ଜୀବନର ଅକୁହା କାହାଣୀ ଏବେ ବଡ଼ ପରଦାକୁ ଆସିବା ପାଇଁ ପ୍ରସ୍ତୁତ ହେଉଛି । ପ୍ରଶଂସକଙ୍କ ଦୀର୍ଘ ଦିନର ଅପେକ୍ଷାର ଅନ୍ତ ଘଟାଇ ଶେଷରେ ଆରମ୍ଭ ହୋଇଛି ବାୟୋପିକ 'ଦାଦା : ଦ ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ସୁଟିଂ ।ଏହି ଚ଼ଳଚ଼ିତ୍ରର ସବୁଠାରୁ ଚର୍ଚ୍ଚିତ ଦିଗ ହେଉଛି ଏହାର ଷ୍ଟାରକାଷ୍ଟ । ଜାତୀୟ ପୁରସ୍କାର ବିଜେତା



ଅଭିନେତା ରାଜକୁମାର ରାଓ ପରଦାରେ ସୌରଭ ଗାଙ୍ଗୁଲିଙ୍କ ଭୂମିକା ନିଭାଉଛନ୍ତି । ରାଜକୁମାରଙ୍କ ପରି ଜଣେ ଅଭିନେତା, ଯିଏ ନିଜର ପ୍ରତିଟି ଚ଼ରିତ୍ରରେ ଜୀବନ୍ତ ରୂପ ଦେବା ପାଇଁ ଜଣାଶୁଣା, ସେ ଗାଙ୍ଗୁଲିଙ୍କ ଚ଼ାଲିଚ଼ଳନ, ବ୍ୟାଟିଂ ଷ୍ଟାଇଲ ଏବଂ ତାଙ୍କର ସେହି ଦମଦାର ବ୍ୟକ୍ତିତ୍ୱକୁ କିପରି କରୁଛନ୍ତି, ତାହା ଦେଖିବା ବେଶ୍ ଆକର୍ଷଣୀୟ ହେବ । ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ବଲିଉଡର ପ୍ରତିଭାବାନ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ମୋଟ୍ୱାନେ, ଯିଏ କାହାଣୀ କହିବାର ନିଆରା ଶୈଳୀ ପାଇଁ ବେଶ୍ ପରିଚ଼ିତ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ